EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୧୦ | ସଂଖ୍ୟା-୧ | ୧୨ ଜାନୁଆରୀ - ୧୮ ଜାନୁଆରୀ, ୨୦୨୬ | ଭୁବନେଶ୍ୱର | Monday Weekly | VOL-10 | ISSUE-1 | 12th JANUARY- 18th JANUARY, 2026 | BHUBANESWAR | ₹ 5/- (8 Pages)

## ନୂଆ ସକାଳ ଓ ନୂଆ ଆହ୍ୱାନ



ଗୋଟେ ନୂଆ ବର୍ଷର ଆରମ୍ଭ ପୂର୍ବରୁ ପୁରୁଣା ଦିନକୁ କଣ ଭୁଲିହୁଏ ! ନା, ଅତୀତ ଅଛି ବୋଲି ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖିହେଉଛି। ପୁରୁଣା ଦିନ ଓ ପୁରୁଣା ଘଟଣାମାନ କେତେ ସୁଖଦ କିମ୍ବା କଷ୍ଟକର ଥିଲା ତାହାର ବିଶ୍ଳେଷଣ ନକଲେ ଆମେ ହୁଏତ କିଛି ଭୁଲ କରିବସିବା। ଯେମିତି ଶୈଶବରେ ଯିଏ ବା ଯେଉଁମାନେ ଆମର ହାତ ଧରି ଚାଲିବା ଶିଖେଇଥିଲେ ସେମାନଙ୍କୁ ଯଦି ଭୁଲିଯିବା ଈଶ୍ୱର ଆମକୁ କେବେ ବି କ୍ଷମା ଦେବେନି। ଆଜିର ନୂଆ ସକାଳରେ 'ଏକମାତ୍ର' ଭଳି ଏକ ସାପ୍ତାହିକ ସମ୍ବାଦପତ୍ର କିଭଳି ୯ ବର୍ଷର ଯାତ୍ରା ସମାପ୍ତ କରି ଦଶମ ବର୍ଷରେ ପାଦ ଥାପିଲା ତାହା ଯେତିକି ବିସ୍ମିତ କରୁଛି ସେତିକି ଆଶ୍ୱସ୍ତ କରୁଛି। ଯାହାହେଉ ଏକ ଖବରକାଗଜ ପ୍ରକାଶ କରି ଏହା ସମାଜର ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚାଇବାରେ ପ୍ରକାଶକ ଯେଉଁ କଷ୍ଟ ସ୍ୱୀକାର କରନ୍ତି ତାହା ଅନୁଭବୀ ହିଁ ଅନୁଭବ କରିପାରିବ। କଷ୍ଟ ସ୍ୱୀକାର ସତ୍ତ୍ୱେ ସମାଜକୁ ଏକ ନୂତନ ବାର୍ତ୍ତା ଦେବାର ପ୍ରତିବଦ୍ଧତା କ୍ଷେତ୍ରରେ 'ଏକମାତ୍ର' କେତେ ସଫଳ ବା କେତେ ବିଫଳ ତାହା ପାଠକ ବିଚାର କରିବେ। ତଥାପି ଆମେ ଆମ ପ୍ରୟାସରେ ଅଗ୍ରସର ଅଛୁ। ଆଜି ଦଶମ ବର୍ଷର ସ୍ୱନକ୍ଷତ୍ର ଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ ଜଣାଉଛି। ଆଶା, ଆମ ଆଗାମୀ ଦିନକୁ ମହାପ୍ରଭୁ ଆହୁରି ଆନନ୍ଦମୟ କରନ୍ତୁ। ଆପଣମାନଙ୍କର 'ଏକମାତ୍ର' ପ୍ରତି ଭଲ ପାଇବା ଅତୁଟ ରହୁ ଏତିକି କାମନା ସହିତ ନୂଆ ଏକ ଖବର ପ୍ରକାଶ କରିବାର ପ୍ରତିଶ୍ରୁତି ଦେଉଛି।

ପ୍ରଥମେ ସଚେତନତା ତା ପରେ ସାମାନ୍ୟ ଜରିମାନା ବଦଳରେ ସରକାର ଯେତେବେଳେ ମନ ଇଚ୍ଛା କାର୍ଯ୍ୟ କରେ ତାହା ଜନ ଅସନ୍ତୋଷର ଏକ ପ୍ରମୁଖ କାରଣ ବୋଲି ବିଚାର କରାଯାଏ। ଏଥିରେ ଶାସକ ଦଳ ଯଦି ନିଜର ତ୍ରୁଟି ସୁଧାରି ନପାରି ଜୁଲମ ଆରମ୍ଭ କରିଦିଏ ଏହାର ନିଷ୍ଠୁର ଫଳ ଅବଶ୍ୟ ଭୋଗିବାକୁ ପଡେ। ଏଇ ଯେମିତି ଏବେ ସ୍ମାର୍ଟ ମିଟର ଓ ପ୍ରଦୂଷଣ ସାର୍ଟିଫିକେଟ ଆଳରେ ନିରୀହ ଜନତାଙ୍କୁ କଲବଲ କରୁଛି ମୋହନ ମାଝୀଙ୍କ ସରକାର। ଲୋକଙ୍କ ଅଭିଯୋଗ ଓଡ଼ିଶାରେ ଲୁଟ କରୁଛି ଟାଟା ପାୱାର। କିନ୍ତୁ ସରକାର ଲୁଟ ବିରୋଧରେ ନଯାଇ ଟାଟା ପାୱାରକୁ ସ୍ମାର୍ଟ ମିଟର ଯୋଗାଇଦେବାକୁ ଟଙ୍କା ଗଣିବେ ବୋଲି ନିଷ୍ପତ୍ତି ନେଇଛନ୍ତି। କଣ ପାଇଁ ଟାଟା ପାୱାରକୁ ଟଙ୍କା ଦିଆଯିବ। ସେ ତ ଲୋକଙ୍କୁ ଲୁଟିବା ଅଭିଯୋଗ ହେଉଛି ସରକାର ତାହାର ତଦନ୍ତ କରିବା ବଦଳରେ ଟାଟା ପାୱାର ସପକ୍ଷରେ ଯିବା ପଛରେ ରହସ୍ୟ କଣ ! ପୂର୍ବ ସରକାର ଏଭଳି ଅନେକ ପ୍ରୀତି ଦେଖାଇ ରାଜ୍ୟରେ ଲୁଟପାଟ କରୁଥିଲେ ବୋଲି ଗୋଟେ ଆଞ୍ଚଳିକ ଶ୍ରେଷ୍ଠ ଦଳ କୁହାଯାଉଥିବା ବିଜେଡି କ୍ଷମତା ହରେଇଲା। ତେଣୁ ଜନତାଙ୍କ କ୍ରୋଧ ବଢିଲେ ସେ ଅନେକ କିଛି ନିଷ୍ପତ୍ତି ନେଇପାରନ୍ତି। ତେଣୁ କ୍ଷମତାରେ ଦୁଇ ବର୍ଷ ହୋଇନଥିବା ଏକ ସରକାର ଏତେ ତ୍ରୁଟି ନକରନ୍ତୁ ଯେ ଜନତା ତାଙ୍କ ଉପରେ ଏତେ ଦୋଷ ଲଦିଦେବେ। ପ୍ରଦୂଷଣ ବାହାନାରେ ହଜାର ହଜାର ଟଙ୍କାର ଜରିମାନା ଲଗାଇବା ପୂର୍ବରୁ ସରକାର ଚିନ୍ତା କରିବା କଥା ରାଜ୍ୟର ସବୁ ଲୋକ କଣ ଆର୍ଥିକ ଦୃଷ୍ଟିରୁ କେତେ ମଜବୁତ। ଘରେ ଘରେ ଶିକ୍ଷିତ ବେକାର ଥିଲା ବେଳେ ତାଙ୍କ ପାଇଁ ରୋଜଗାର ବ୍ୟବସ୍ଥା କରିବା ପ୍ରାଥମିକତା ନା ଜରିମାନା ପ୍ରଥମେ ! ପ୍ରଦୂଷଣ କଣ ଏଇ ଦୁଇ ଚକିଆ ଯାନ ଦ୍ୱାରା ହେଉଛି ! ଜରିମାନା ଦେଲେ ପ୍ରଦୂଷଣ କିପରି କମିଯିବ ଏହା ବୁଝାପଡୁନି। ରାସ୍ତା ଘାଟରେ ଧୂଳି ଉଡୁଛି, କଳ କାରଖାନାରୁ ଧୂଆଁ ଉଡୁଛି ପ୍ରଥମେ ଏହାକୁ ନିୟନ୍ତ୍ରଣ କରାଯାଉ। କୋଇଲା ଖଣିର କଳା ଧୂଆଁ କିଭଳି ନିୟନ୍ତ୍ରଣ ହେବ ଚିନ୍ତା ନକରି ଗାଡି ଚାଳକଙ୍କ ଉପରେ ହାକିମାତି କରିବାକୁ କିଏ ଏଭଳି ପରାମର୍ଶ ସରକାରଙ୍କୁ ଦେଉଛି ତାହା ବୁଝାପଡୁନି। ଅଯଥା ଜନ ଅସନ୍ତୋଷ ସୃଷ୍ଟି କରି ସରକାର କି ଲାଭ ପାଇବେ !

### ମହାନଦୀ ଜଳ ବିବାଦ ଘଟଣା

## ୧୦ଦିନ ପାଇଁ ଖର୍ଚ୍ଚ ୫କୋଟି

**ଭୁବନେଶ୍ୱର :** ମହାନଦୀ ଜଳବିବାଦର ସମାଧାନ ହେଉ କି ନହେଉ, କିନ୍ତୁ ଏହି ବିବାଦ ଆଳରେ ରାଜ୍ୟ ରାଜକୋଷକୁ ଆଖିବୁଜା ଲୁଟ୍ କରାଯାଇଛି। ମହାନଦୀ ଜଳ ବିବାଦ ପାଇଁ ସୁପ୍ରିମକୋର୍ଟରେ ପ୍ରାୟ ୩୩ କୋଟି ଟଙ୍କା ଖର୍ଚ୍ଚ କରିଥିବା ତତକାଳୀନ ବିଜେଡି ସରକାର ୨୦୨୩ ମେ' ମାସରେ ମହାନଦୀ ଟ୍ରିବ୍ୟୁନାଲଙ୍କ ୧୦ଦିନିଆ ଗସ୍ତବାବଦରେ ୫.୦୫କୋଟି ଟଙ୍କାର ଆଖି ଖୋସି ହୋଇଯିବା ଭଳି ଅର୍ଥ ଖର୍ଚ୍ଚ କରିଛନ୍ତି। ରାୟ ଅଢ଼େଇବର୍ଷ ଧରି ଜଳସମ୍ପଦ ବିଭାଗରେ ଏହି ବିଲକୁ ନେଇ ଟଣାଓଟରା ଓ ପରସ୍ପରକୁ ଦୋଷ ଲଦି ନିଜ ଦାୟିତ୍ୱରୁ ଖସିବାକୁ ଚେଷ୍ଟା କରିବାପରେ ଶେଷରେ ଗତ ୨ତାରିଖରେ 'ରାଜ୍ୟର ପ୍ରାଥମିକତା' କହି ବିଭାଗ



ଏହି ବ୍ୟୟକୁ ଅନୁମୋଦନ କରିଛି। ଯଦିଓ ଏହି ବିଲ୍ ସଂକ୍ରାନ୍ତୀୟ ସଠିକତା ଓ ସ୍ୱଚ୍ଛତା ଯାଂଚ କରିବା ଦାୟିତ୍ୱ ବିଭାଗର ବୋଲି ଟିପ୍ପଣୀ ଦେଇ ବିଭାଗୀୟ ଅର୍ଥ ଉପଦେଷ୍ଟା ପରୋକ୍ଷରେ ମାତ୍ରାଧିକ ଖର୍ଚ୍ଚ ଉପରେ ପ୍ରଶ୍ନ ଉଠାଇଛନ୍ତି। ତେବେ ମହାନଦୀ ଜଳବିବାଦର ଟ୍ରିବ୍ୟୁନାଲଙ୍କ ୧୦ଦିନର ଗସ୍ତ ପାଇଁ ୫.୦୫କୋଟି ଟଙ୍କାରୁ ଅଧିକ ଅର୍ଥ କିଭଳି ଖର୍ଚ୍ଚ ହେଲା, କାହିଁକି ଅଢ଼େଇବର୍ଷ ଧରି ବିଲକୁ ନେଇ ବିଭାଗ ଭିତରେ ଟଣାଓଟରା ଚାଲିଥିଲା ଓ ଏତେ ପରିମାଣର ଅର୍ଥ ଖର୍ଚ୍ଚ ବାସ୍ତବରେ ହୋଇଛି ନା ମିଳିମିଶି ରାଜକୋଷ ପାଣ୍ଠିକୁ ଚଳୁ କରିଛନ୍ତି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଓଡ଼ିଶାର ଲୋକଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ମହାନଦୀ ଜଳବିବାଦ ଆଳରେ ଜଳସମ୍ପଦ ବିଭାଗ ରାଜ୍ୟବାସୀଙ୍କ ଟିକସ ଅର୍ଥକୁ ମନଇଚ୍ଛା ଖର୍ଚ୍ଚ କରିବାକୁ ପଛାଇନାହିଁ। ସରକାରୀ ଦସ୍ତାବିଜ ଅନୁସାରେ, ୨୦୨୩ ମେ' ୧୯ରୁ ୨୮ତାରିଖ ପର୍ଯ୍ୟନ୍ତ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଉଭୟ ଛତିଶଗଡ଼ ଓ ଓଡ଼ିଶା ଗସ୍ତରେ ଆସିଥିଲେ। ଟ୍ରିବ୍ୟୁନାଲର ତତକାଳୀନ ଅଧ୍ୟକ୍ଷ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏମ. ଖାନୱିଲକର ଓ ଅନ୍ୟ ଦୁଇ ସଦସ୍ୟଙ୍କ ସମେତ ଟ୍ରିବ୍ୟୁନାଲ ୯ଜଣ ଏକ୍ସପର୍ଟ ଓ ଅଧିକାରୀ ମଧ୍ୟ ଓଡ଼ିଶା ଆସିଥିଲେ। ଏହି ଗସ୍ତବେଳେ ଟ୍ରିବ୍ୟୁନାଲଙ୍କ ସହ ଉଭୟ ଓଡ଼ିଶା ଓ ଛତିଶଗଡ଼ର ଅଧିକାରୀ ଓ ଓକିଲଙ୍କ ସମେତ ପ୍ରାୟ ୩୨ରୁ ୩୫ଜଣ ସଦସ୍ୟ ରହିଥିଲେ। ➤ ପୃ-୬

## ଏପ୍ରିଲରୁ ଓଡ଼ିଶାରେ ଜନଗଣନା



**ଭୁବନେଶ୍ୱର :** ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ। ଏହା ପରେ ୨୦୨୭ ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନ ଗଣନା। ଏହି ପ୍ରକ୍ରିୟା ପାଇଁ ଲକ୍ଷାଧିକ ଜନ ଗଣନା ଅଧିକାରୀ ନିଯୁକ୍ତ ହେବେ। ଏହା ପୂର୍ବରୁ ସବୁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି ଉନ୍ନୟନ କମିଶନର। ଲୋକସେବା ଭବନରେ ଉନ୍ନୟନ କମିଶନରଙ୍କ ➤ ପୃ-୬

### ରାଜ୍ୟ କ୍ୟାବିନେଟ୍‌ରେ ୧୧ ପ୍ରସ୍ତାବକୁ ମଞ୍ଜୁରି

## ରାସନକାର୍ଡ ପାଇଁ ଆୟସୀମା ବୃଦ୍ଧି



**ଭୁବନେଶ୍ୱର :** ଓଡ଼ିଶାରେ ସୋଲାର ସେଲ୍ ମାନ୍ୟୁଫାକଚରିଂ ପ୍ଲାଣ୍ଟ ନିର୍ମାଣ କରିବ ଟାଟା ପାୱାର। ପ୍ରାୟ ୧୦ହଜାର କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ଅନୁମୋଦନ କରିବା ସହ ମୋଟ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ପର୍ଯ୍ୟଟନ ନୀତିରେ ସଂଶୋଧନ ସହ ରାସନ କାର୍ଡ ପାଇଁ ଆୟସୀମାକୁ ମଧ୍ୟ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟରେ ଅକ୍ଷୟ ଶକ୍ତି ଓ ସବୁଜ ଶିଳ୍ପାୟନକୁ ପ୍ରୋତ୍ସାହନ ➤ ପୃ-୬

## ୨୮ରୁ ବଜେଟ୍ ଅଧିବେଶନ



**ନୂଆଦିଲ୍ଲୀ :** ୨୮ ଜାନୁଆରୀରୁ ଆରମ୍ଭ ହେବ ସଂସଦର ବଜେଟ୍ ଅଧିବେଶନ। ଏନେଇ ଶୁକ୍ରବାର ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ। ସେ କହିଛନ୍ତି, ସଂସଦର ବଜେଟ ଅଧିବେଶନ ୨୮ ଜାନୁଆରୀ, ୨୦୨୬ ରୁ ଆରମ୍ଭ ହେବ ଏବଂ ୨ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ ଚାଲିବ। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି କହିଛନ୍ତି, ଭାରତ ସରକାରଙ୍କ ସୁପାରିଶ କ୍ରମେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୦୨୬ ➤ ପୃ-୬

## ସବୁ 'ବସ୍'ର ହେବ ଯାଞ୍ଚ; ହଟିବ ବେଆଇନ୍ ଡିଜାଇନ

**ଭୁବନେଶ୍ୱର :** ରାଜ୍ୟରେ ସାର୍ବଜନୀନ ପରିବହନ ବସଗୁଡ଼ିକର ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଯୋଗୁ ଯାତ୍ରୀମାନଙ୍କ ଜୀବନ ପ୍ରତି ରହିଥିବା ବିପଦକୁ ଦେଖି ରାଜ୍ୟ ସରକାର କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି। ରାଜ୍ୟରେ ଚଳପ୍ରଚଳ କରୁଥିବା ସମସ୍ତ ବସଗୁଡ଼ିକର ସୁରକ୍ଷା ମାନଦଣ୍ଡକୁ ଯାଞ୍ଚ ସହ ବେଆଇନ ଡିଜାଇନ୍ ବା ନିର୍ମାଣକୁ ତୁରନ୍ତ ହଟାଇବା ଓ ଅଗ୍ନିନିର୍ବାପକ ବ୍ୟବସ୍ଥା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ବେଆଇନ ଡିଜାଇନ୍ ପ୍ରସ୍ତୁତ କରୁଥିବା ବସ୍ ବଡି ନିର୍ମାତା ଓ ଏହାକୁ ପଞ୍ଜିକରଣର ଅନୁମତି ଦେଉଥିବା ପରିବହନ ଅଧିକାରୀଙ୍କ ବିରୁଦ୍ଧରେ ମଧ୍ୟ ଫୌଜଦାରୀ ମାମଲା ରୁଜୁ କରିବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ସମସ୍ତ ପ୍ରକାରର ସ୍ଲିପର କୋଚ୍ ବସଗୁଡ଼ିକୁ ତୁରନ୍ତ ଯାଞ୍ଚ କରି ସେଥିରେ ଥିବା ବେଆଇନ୍ ନିର୍ମାଣକୁ ହଟାଇବାକୁ କୁହାଯାଇଛି। ଜାତୀୟ ମାନବାଧିକାର ଆୟୋଗଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି ଓ ଗୃହ ବିଭାଗ ପକ୍ଷରୁ ଏନେଇ ରାଜ୍ୟ ପରିବହନ ସଚିବ ଏବଂ ପୁଲିସ ଡିଜିଙ୍କୁ କଡ଼ା ନିର୍ଦ୍ଦେଶନାମା



ଜାରି ହୋଇଛି। ଦୁଇ ସପ୍ତାହ ସୁଦ୍ଧା ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ପାଇଁ ମଧ୍ୟ କୁହାଯାଇଛି। ରାଜ୍ୟ ଗୃହ ବିଭାଗ ପକ୍ଷରୁ ପରିବହନ ସଚିବ ଓ ପୁଲିସ ଡିଜିଙ୍କୁ ଚିଠି ଲେଖି ବସଗୁଡ଼ିକର ସୁରକ୍ଷା ମାନଦଣ୍ଡ ଯାଞ୍ଚ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ମାନବାଧିକାର ଆୟୋଗ ଏକ ମାମଲାର ଶୁଣାଣି କରି ଓଡ଼ିଶା ସମେତ ସବୁ ରାଜ୍ୟକୁ ତୁରନ୍ତ ସାର୍ବଜନୀନ ପରିବହନରେ ସାମିଲ ବସଗୁଡ଼ିକର ତ୍ରୁଟିପୂର୍ଣ୍ଣ ଡିଜାଇନ୍ ହଟାଇବା ଓ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବାପରେ ଗୃହ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଗୃହ ବିଭାଗର ଉପସଚିବ ରାଜକିଶୋର ➤ ପୃ-୬

### ପ୍ରବାସୀ ଶ୍ରମିକଙ୍କ ଲାଇସେନ୍ସ କରୁନାହାନ୍ତି ଦଲାଲ

## କାଗଜପତ୍ରରେ ଶ୍ରମିକ ସଂଖ୍ୟା ୭୦,୩୬୦

**ଭୁବନେଶ୍ୱର :** ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁମାତ୍ରାରେ ଶ୍ରମିକ ଦଲାଲ ମାଧ୍ୟମରେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ କାମ କଲାବେଳେ କିଛି ଅସୁବିଧା ହେଲେ ସମ୍ପୃକ୍ତ ଶ୍ରମିକ ତଥା ସେମାନଙ୍କ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଉଛି। ଅସୁବିଧା ସମୟରେ ଦଲାଲମାନେ ଧରାଛୁଆଁ ଦେଉନଥିବାରୁ ପରିବାର ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଆଇନ ରହିଛି। ବାହାର ରାଜ୍ୟକୁ କାମ କରାଇବାକୁ ନେଉଥିବା ଦଲାଲ ଠିକାଦାରୀ ଲାଇସେନ୍ସ କରିବା କଥା। ବାସ୍ତବରେ କିନ୍ତୁ ରାଜ୍ୟରେ କାର୍ଯ୍ୟ କରୁଥିବ ଦଲାଲ ଅଥବା ଠିକାଦାର ଲାଇସେନ୍ସ କରୁନାହାନ୍ତି। ବିନା ଲାଇସେନ୍ସରେ ଅନେକ ଠିକାଦାର କାମରେ ଶ୍ରମିକଙ୍କୁ ନିଯୁକ୍ତ କରାଇ ଲାଭାନ୍ୱିତ ହେଉଛନ୍ତି। ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରୁନଥିବାରୁ ପେଟ ଚାଖଣ୍ଡକ ପାଇଁ ବାହାର ରାଜ୍ୟକୁ ଯାଇଥିବା ଶ୍ରମିକ ହଇରାଣରେ ପଡୁଛନ୍ତି। କୌଣସି ଠିକାଦାର ପୂର୍ବବର୍ଷରେ ୫ କିମ୍ବା ଅଧିକ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ଦେଇଥାନ୍ତି କିମ୍ବା ନିଯୁକ୍ତି ଯୋଜନା କରୁଥାନ୍ତି, ସେ ନିୟମ ଅନୁସାରେ ଲାଇସେନ୍ସ କରିବା କଥା। ଲାଇସେନ୍ସ ପାଇଁ କାମରେ ଲଗାଇବାକୁ ଥିବା ଶ୍ରମିକଙ୍କର ନାମ, ଠିକଣା, ବୟସ, କାମର ସ୍ଥାନ, ଫଟୋ, ମୋବାଇଲ୍ ନମ୍ବର, ନିକଟତମ ପରିବାର ସଦସ୍ୟଙ୍କ ବିବରଣୀ



ସରକାରଙ୍କୁ ପ୍ରଦାନ କରାଯିବାର ନିୟମ ରହିଛି। ଶ୍ରମିକଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଅଣ୍ଡରଟେକିଂ, ସ୍ୱେଚ୍ଛାକୃତ ପ୍ରବାସ ସମ୍ପର୍କରେ ସ୍ୱଘୋଷଣାନାମା ଓ ଶ୍ରମିକ ସଂଖ୍ୟା ଅନୁଯାୟୀ ଫି' ଜମା କରାଯିବା ଆବଶ୍ୟକ। ଲାଇସେନ୍ସ ମାଧ୍ୟମରେ ବାହାର ରାଜ୍ୟ ଓ ଦେଶରେ ଦାଦନ ଖଟୁଥିବା ଶ୍ରମିକଙ୍କୁ ନିଯୁକ୍ତି ସମୟରେ ବିସ୍ଥାପନ ଭତ୍ତା ବାବଦକୁ ମାସିକ ବେତନର ୫୦% ପ୍ରଦାନ କରାଯାଉଛି। ଯାତ୍ରା ଏବଂ ଫେରସ୍ତ ଯାତ୍ରା ବାବଦକୁ ପୂର୍ଣ୍ଣ ଭଡ଼ା ପ୍ରଦାନ କରାଯିବାର ନିୟମ ଥିବାବେଳେ ଯାତ୍ରା ସମୟରେ ଡ୍ୟୁଟିରେ ଥିବା ଭଳି ବେତନ ଦିଆଯାଏ। ସମାନ କାମ ପାଇଁ ସ୍ଥାନୀୟ ଶ୍ରମିକଙ୍କ ସହିତ ସମାନ ବେତନ, ଉପଯୁକ୍ତ ରହଣି ବ୍ୟବସ୍ଥା, ମାଗଣା ଡାକ୍ତରୀ ସୁବିଧା, ନିୟମିତ କାମର ସମୟ, ଛୁଟି, ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ନିଯୁକ୍ତି ଅବଧି, ବେତନ ହାର, ଭତ୍ତା ଆଦି ତଥ୍ୟ ସହ ପାସ୍ ବୁକ୍ ମିଳେ। ନିର୍ଦ୍ଧାରିତ ସମୟରେ ଶ୍ରମିକଙ୍କୁ ଠିକାଦାର ବେତନ ନଦେଲେ ମୁଖ୍ୟ ନିଯୁକ୍ତି ➤ ପୃ-୬

## ବକ୍ରବାଣୀ



ଓମ୍ସାର ସଦସ୍ୟ ଷ୍ଟ୍ରାଇକି କଲେ
ରୋଗୀ ଦେଖା ଦେଖି ବନ୍ଦ କରିଲେ
ଏସ୍ମା ଲଗେଇଲା ରାଜ୍ୟ ସର୍କାର
ଓମ୍ସାଟା ନ କଲା ତିଳେ ଖାତର
ନଇଁ ସରକାର ପଶି ଶରଣ
କହିଲା କରିବେ ଦାବୀ ପୂରଣ
ଶେଷେ ପୁଣି ସେଇ ଘଇତା କଲା
ସମୟ ଗଡ଼େଇ ରୋଗୀ ମାଇଲା
ଧାନ କିଣାରେ ବି ସେମିତି ହେବ
ମିଲର୍ ଶରଣେ ସର୍କାର ଯିବ।

—ଟୁଟୁ

### 'ନୂଆ ଓଡ଼ିଶା' ପରେ ଏବେ 'ମାୟି ଭାରତ'

## ସବୁ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ

**ଭୁବନେଶ୍ୱର :** ବିଜେଡି ସରକାରର 'ନୂଆ ଓଡ଼ିଶା' ଯୋଜନାକୁ ବନ୍ଦ କରିଥିବା ମୋହନ ମାଝୀଙ୍କ ସରକାର ଏବେ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ରାଜ୍ୟର ଯୁବପିଢ଼ି ବିଶେଷକରି କଲେଜ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବାକୁ ପଦକ୍ଷେପ ନେଇଛନ୍ତି। ଭାରତ ସରକାରଙ୍କ 'ମାୟି ଭାରତ' ପୋର୍ଟାଲକୁ ରାଜ୍ୟଣ ସମସ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ 'ମାୟି ଭାରତ' ପୋର୍ଟାଲରେ ବାଧ୍ୟତାମୂଳକ ଭାବେ ପଞ୍ଜିକୃତ ହେବାକୁ ପଡ଼ିବ। ଏହା କେବଳ ଏକ ପଞ୍ଜିକରଣ ନୁହେଁ ବରଂ ରାଜ୍ୟର ଯୁବଶକ୍ତିଙ୍କୁ ସିଧାସଳଖ ଭାରତ ସରକାରଙ୍କ ବିଭିନ୍ନ ବିକାଶମୂଳକ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ସହ ଯୋଡ଼ିବ, ଯାହାକି ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟସ୍ତରର ମଞ୍ଚ ସାଜିବ। 'ମାୟି ଭାରତ' ବା 'ମେରା ଯୁବ ଭାରତ' ପୋର୍ଟାଲଟି ଛାତ୍ରଛାତ୍ରୀମାନଙ୍କ ପାଇଁ 'ୱାନଷ୍ଟପ୍ ଡିଜିଟାଲ୍ ଗେଟୱେ' ଭାବେ କାର୍ଯ୍ୟ କରିବ। ଏଥିରେ ପଞ୍ଜିକରଣ କରିବା ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ଯୋଜନା, ଜାତୀୟ ଯୁବ ମହୋତ୍ସବ, ଦକ୍ଷତା ବିକାଶ ଶିବିର ଓ ଜାତୀୟସ୍ତରର ପ୍ରତିଯୋଗିତାରେ ସହଜରେ ଭାଗ ନେଇପାରିବେ। ବିଶେଷ କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଇଣ୍ଟର୍ଣ୍ଣସିପ୍ ଓ କ୍ଷେତ୍ର ପରିଦର୍ଶନ ସୁଯୋଗ ଛାତ୍ରଛାତ୍ରୀମାନଙ୍କ ବାସ୍ତବ ଜ୍ଞାନ ବୃଦ୍ଧିରେ ସହାୟକ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ନେବା,



ଦଳଗତ କାର୍ଯ୍ୟ, ଯୋଗାଯୋଗ ଦକ୍ଷତା ଓ ଡିଜିଟାଲ ଜ୍ଞାନକୌଶଳ ବୃଦ୍ଧି କରିବା ଉପରେ ଏହି ପୋର୍ଟାଲ ଗୁରୁତ୍ୱ ଦେଇଥାଏ। ଏହା ସେମାନଙ୍କୁ କେବଳ ପାଠ୍ୟପୁସ୍ତକ ମଧ୍ୟରେ ସୀମିତ ନରଖି ଦୁନିଆର ନୂଆ ନୂଆ ଜ୍ଞାନକୌଶଳ ସହ ପରିଚିତ କରାଇବ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା 'ମାୟି ଭାରତ' (ମେରା ଯୁବା ଭାରତ) ପୋର୍ଟାଲରେ ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ପଞ୍ଜିକୃତ କରିବା ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ଗୁରୁବାର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ଡିଗ୍ରୀ କଲେଜର ଅଧ୍ୟକ୍ଷମାନଙ୍କୁ ଚିଠି ଲେଖି ଶତପ୍ରତିଶତ ପଞ୍ଜୀକରଣ ନିଶ୍ଚିତ କରିବାକୁ କହିଛନ୍ତି। ହି ପୋର୍ଟାଲରେ ପଞ୍ଜିକୃତ ଛାତ୍ରଛାତ୍ରୀଙ୍କୁ ସରକାରୀ 'ସ୍ୱୀକୃତି ଓ ପ୍ରମାଣପତ୍ର' ମିଳିବ। କୌଣସି ସ୍ୱେଚ୍ଛାସେବୀ କାର୍ଯ୍ୟ, ସାମାଜିକ ଅଭିଯାନ କିମ୍ବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ନିଜକୁ ନିୟୋଜିତ କଲେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଡିଜିଟାଲ ସାର୍ଟିଫିକେଟ ପ୍ରଦାନ କରାଯିବ। ଆଉ ଏହି ସାର୍ଟିଫିକେଟ୍ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଚାକିରି କ୍ଷେତ୍ରରେ ସେମାନଙ୍କ ବାୟୋଡାଟାକୁ ଅନ୍ୟମାନଙ୍କ ତୁଳନାରେ ଅଧିକ ପ୍ରଭାବଶାଳୀ କରାଇବ ତଥା ନିଯୁକ୍ତି ସୁଯୋଗ ବୃଦ୍ଧି ସହ ସେମାନଙ୍କର ଭବିଷ୍ୟତ କ୍ୟାରିୟରକୁ ଅଧିକ ସମୃଦ୍ଧ କରିବ। ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ସମସ୍ତ ବର୍ଷର ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ପଞ୍ଜିକରଣ ନିଶ୍ଚିତ କରିବା ଶିକ୍ଷାନୁଷ୍ଠାନର ଦାୟିତ୍ୱ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିପାଇଁ କଲେଜଗୁଡ଼ିକ ଏକ ସ୍ୱତନ୍ତ୍ର ପଞ୍ଜିକା ପ୍ରସ୍ତୁତ କରିବେ ଯେଉଁଥିରେ ପ୍ରତି ଛାତ୍ରଙ୍କ 'ମାୟି ଭାରତ ଆଇଡି' ନମ୍ବର ଉଲ୍ଲେଖ ରହିବ। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ପାଇଁ ସମୟ ଅନୁକୂଳ। ଖର୍ଚ୍ଚ ଉପରେ ଲଗାମ ଲଗାନ୍ତୁ। ବଡଲାଭର ଯୋଗ ଅଛି। କିଛି ଲୋକ ଆପଣଙ୍କୁ ପଛରୁ ଟାଣି ହଇରାଣ କରିପାରନ୍ତି, ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ। ଉପକାର : ପ୍ରତିଦିନ ହନୁମାନ ଚାଳିସା ପାଠ କରନ୍ତୁ।

**ବୃଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ତମାଖୁ ସେବନରୁ ଦୂରେଇ ରହନ୍ତୁ। ପରିବାରରେ ସୁଖ ମିଳିବ। ଭଲ ଖବର ମିଳିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। ଛାତ୍ରମାନେ ପଢ଼ିବା ପାଇଁ ଶାନ୍ତବାତାବରଣ ପାଇବେ। ପ୍ରତିକାର : ପ୍ରତ୍ୟେକ କାମକୁ ପୂର୍ଣ୍ଣ ଏକାଗ୍ରତାରେ କରନ୍ତୁ।

**ମିଥୁନ** ନିଜର ଓ ପରିବାର କୌଣସି ବ୍ୟକ୍ତିଙ୍କୁ ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ପାଇଁ ଛୋଟ ରାସ୍ତା ଆପଣାଇ ପାରନ୍ତି। କୌଣସି ମକଦ୍ଦମାରେ ପଡି ପାରନ୍ତି। ପ୍ରତିକାର : ଅନାଥ ବା ଅନାଥାଶ୍ରମରେ ଖାଦ୍ୟ ଦାନ କରନ୍ତୁ।

**କର୍କଟ** ରକ୍ତଚାପ ରୋଗର ଶିକାର ହୋଇପାରନ୍ତି। ଆୟରେ ବୃଦ୍ଧି ହେବ। ପରିବାରରେ ଶାନ୍ତି ମିଳିବ। କୌଣସି ବସ୍ତୁ ହଜିପାରେ। ସହକର୍ମୀଙ୍କ ସହଯୋଗ ନିଅନ୍ତୁ। ପ୍ରତିକାର : ରୂପା ଗ୍ଲାସରେ ପାଣି ପିଅନ୍ତୁ।

**ସିଂହ** ଯାତ୍ରା ଜନିତ ଶରୀର ପୀଡା ହୋଇପାରେ। ଅଚାନକ ଧନପ୍ରାପ୍ତି ହେବ। ଛାତ୍ରମାନେ ଅନ୍ୟର ସହଯୋଗରେ କୌଣସି ପ୍ରୋଜେକ୍ଟ କରିପାରିବେ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନକୁ ଶାନ୍ତି ଦେବା ପାଇଁ ଶରୀରକୁ କଷ୍ଟ ଦିଅନ୍ତୁ ନାହିଁ। ଖର୍ଚ୍ଚରେ ଲଗାମ ଦିଅନ୍ତୁ। ବନ୍ଧୁ ଓ ପରିବାରରେ ସୁନ୍ଦର ସମୟ କଟିବ। ବାହାନ ଚଳାଇବା ବେଳେ ସାବଧାନ ରହନ୍ତୁ। ପ୍ରତିକାର : ଗାଈଙ୍କୁ କଳାଚଣା ଖୁଆନ୍ତୁ।

**ତୁଳା** ସ୍ପଷ୍ଟବାଦୀ ହୁଅନ୍ତୁ। ମଦ୍ୟପାନରୁ ଦୂରରେ ରହନ୍ତୁ। ବ୍ୟୟରେ ବୃଦ୍ଧି ହେବ। ଛାତ୍ର ପରୀକ୍ଷାରେ ପରିଶ୍ରମରୁ କମ ଫଳ ପାଇପାରନ୍ତି। ପ୍ରତିକାର : ଛାତ୍ରମାନଙ୍କ ପାଠ୍ୟ ଉପକରଣ ବାଣ୍ଟନ୍ତୁ।

**ବିଛା** ଉତ୍ତମ ସ୍ୱାସ୍ଥ୍ୟ ରହିବ। ଅର୍ଥ ବିନିଯୋଗ ପାଇଁ ସମୟ ଅତ୍ୟନ୍ତ ଅନୁକୂଳ। ପରିବାରରେ ସମୟ ଦିଅନ୍ତୁ। କାର୍ଯ୍ୟ ଓ ଅର୍ଥରେ ସନ୍ତୁଳନ ରକ୍ଷା କରନ୍ତୁ। ଦମ୍ପତ୍ତିଙ୍କ ପୂର୍ବରୁ ଥିବା ବିବାଦର ସମାଧାନ ହେବ।

**ଧନୁ** ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ବ୍ୟବସାୟରେ ଧନ ନିବେଶରୁ ଦୂରରେ ରହନ୍ତୁ। ଆବଶ୍ୟକ ସମୟରେ ବନ୍ଧୁ ବା ନିଜ ଲୋକ ଧୋକା ଦେଇ ପାରନ୍ତି। ପ୍ରତିକାର : ଶୁକ୍ରବାର ଦିନ ଗାଈଙ୍କୁ ଘାସ ଖୁଆନ୍ତୁ।

**ମକର** ଥଣ୍ଡା, ଶର୍ଦ୍ଦି ଜନିତ ରୋଗ ହୋଇପାରେ। ଆର୍ଥିକ ଅବସ୍ଥାରେ ସୁଧାର ହେବ। ବାପା ମାଆଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ। ପ୍ରତିକାର : ଦରିଦ୍ରଙ୍କୁ ଖାଇବାକୁ ଦିଅନ୍ତୁ।

**କୁମ୍ଭ** ବାପାମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଚିନ୍ତାର ମୁଖ୍ୟକାରଣ ହେବ। ନିଜର ବାଣୀ ଉପରେ ଲଗାମ ଦିଅନ୍ତୁ। ଅହଙ୍କାର ତ୍ୟାଗ କରନ୍ତୁ। ଛାତ୍ରମାନଙ୍କ ସମୟ ଅନୁକୂଳ। କୌଣସି ବୀପରିତ ଲିଙ୍ଗଙ୍କଠାରୁ ପ୍ରେମର ସଙ୍କେତ ପାଇପାରନ୍ତି। ପ୍ରତିକାର୍ୟ ଭଗବାନଙ୍କୁ ଦର୍ଶନ କରନ୍ତୁ।

**ମୀନ** ଅନାବଶ୍ୟକ କଥାରୁ ଦୂରେଇ ରହନ୍ତୁ। ଧନଲାଭ ଯୋଗ ଅଛି। ପରିବାରରେ ସମର୍ଥନ ପାଇବେ ନାହିଁ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଅସୁବିଧା ଭୋଗୀ ପାରନ୍ତି। ପ୍ରତିକାର : ମଇଳା ବସ୍ତ୍ର ପିନ୍ଧନ୍ତୁ ନାହିଁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

ଭାରତକୁ ବଡ଼ ଝଟକା ଦେଲା ବାଂଲାଦେଶ

# ଭାରତୀୟଙ୍କ ପାଇଁ ବନ୍ଦ କଲା ଭିସା



**ନୂଆଦିଲ୍ଲୀ :** ଆଇପିଏଲରୁ ଖେଳାଳିମାନଙ୍କୁ ବାଦ୍ ଦେବାର ବିସିସିଆଇର ନିଷ୍ପତ୍ତି ପ୍ରତିବାଦରେ ବାଂଲାଦେଶ ଭାରତକୁ ଏକ ବଡ଼ ଝଟକା ଦେଇଛି। ବାଂଲାଦେଶ ଭାରତୀୟଙ୍କ ପାଇଁ ସମସ୍ତ ଭିଜା ସେବା ସ୍ଥଗିତ ରଖିଛି, କିନ୍ତୁ ଛାତ୍ର ଏବଂ ବ୍ୟବସାୟିକ ଭିଜା ସେବା ଜାରି ରହିବ। ବାଂଲାଦେଶ ସରକାର ଦିଲ୍ଲୀ, ଅଗରତାଲା, ମୁମ୍ବାଇ, ଗୌହାଟି ଏବଂ ଚେନ୍ନାଇରେ ଥିବା ଏହାର ଦୂତାବାସ ଏବଂ କନସୁଲେଟଗୁଡ଼ିକୁ ସାଧାରଣ ଭିଜା ସେବା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନାର ପ୍ରତିଫଳନ ଭାବରେ ଦେଖାଯାଉଛି। ଏହା ଉଲ୍ଲେଖଯୋଗ୍ୟ ଯେ, ଭାରତ ବାଂଲାଦେଶ ପୂର୍ବରୁ ଏହାର ଭିଜା ସେବା ସ୍ଥଗିତ ରଖିଥିଲା, ଯାହା ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ସ୍ଥଗିତ ରହିବ। ଶେଖ ହାସିନା ବିରୋଧୀ ଓସମାନ ହାଦିଙ୍କ ହତ୍ୟା ପରେ, ବାଂଲାଦେଶରେ ହିଂସା ଏବଂ ଉତ୍ତେଜନା ଦେଖାଦେଇଛି। ପ୍ରଦର୍ଶନକାରୀମାନେ ଭାରତ ବିରୋଧୀ ସ୍ଲୋଗାନ ଦେବା ଏବଂ କାର୍ଯ୍ୟକଳାପରେ ଲିପ୍ତ ରହିବା ଆରମ୍ଭ କରିଛନ୍ତି। ପ୍ରଦର୍ଶନକାରୀମାନେ ଭାରତୀୟ ଦୂତାବାସ ଏବଂ ହାଇ କମିଶନ କାର୍ଯ୍ୟାଳୟ ଉପରେ ମଧ୍ୟ ଆକ୍ରମଣ କରିଥିଲେ, ଯାହା ଫଳରେ ଭାରତ ଚିଟାଗଙ୍ଗରେ ଥିବା ଭାରତୀୟ ଭିଜା ଆବେଦନ କେନ୍ଦ୍ର (ଆଇଭିଏସି) ବନ୍ଦ କରିଦେଇଥିଲା ଏବଂ ଏହାର ଭିସା ସେବା ସ୍ଥଗିତ କରିଥିଲା।

ଟ୍ରମ୍ପଙ୍କ 'ଟାରିଫ୍' ପ୍ରଭାବହୀନ

# ୨ ବର୍ଷରେ ସର୍ବାଧିକ ରହିବ ଭାରତର ଜିଡିପି ଅଭିବୃଦ୍ଧି

**ନୂଆଦିଲ୍ଲୀ :** ବିଶ୍ୱର ସମସ୍ତ ଦେଶ ଉପରେ ଆମେରିକାର ଟାରିଫ୍ ପ୍ରଭାବ ଦେଖିବାକୁ ମିଳିଥିବା ବେଳେ ଭାରତ ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ରାଷ୍ଟ୍ରପତି ଟ୍ରମ୍ପଙ୍କ ଟାରିଫ୍ ଚାପ ସତ୍ତ୍ୱେ, ୨୦୨୫-୨୬ ପାଇଁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିବ ବୋଲି ଭାରତ ସରକାର ଆକଳନ କରିଛନ୍ତି। ଯାହା ଏସିଆର ତୃତୀୟ ବୃହତ୍ତମ ଅର୍ଥନୀତିର ଦୃଢ଼ତାକୁ ଦର୍ଶାଉଛି। ଏହି ଅଭିବୃଦ୍ଧି ପୂର୍ବାନୁମାନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୭.୩ ପ୍ରତିଶତ ଆକଳନ ଠାରୁ ଅଧିକ ଏବଂ ପୂର୍ବ ବର୍ଷର (୨୦୨୪-୨୫) ୬.୫ ପ୍ରତିଶତ ଅଭିବୃଦ୍ଧି ଠାରୁ ଯଥେଷ୍ଟ ଅଧିକ ଅଟେ। ଏହି ତଥ୍ୟ ଆସନ୍ତା ଫେବୃଆରୀ ୧ ରେ ଉପସ୍ଥାପନ ହେବାକୁ ଥିବା କେନ୍ଦ୍ରୀୟ ବଜେଟ୍ ପାଇଁ ଆଧାର ହେବ। ଆର୍ଥିକ ବର୍ଷ ୨୦୨୬ରେ ୭.୩ ପ୍ରତିଶତ ବୃଦ୍ଧି



ପାଇବ ବୋଲି ଆଶା କରାଯାଉଛି, ଯାହା ପୂର୍ବ ବର୍ଷ ୬.୪ ପ୍ରତିଶତ ଥିଲା। ବିଶ୍ୱବ୍ୟାପୀ ଅନିଶ୍ଚିତତା ସତ୍ତ୍ୱେ ଭାରତୀୟ ଅର୍ଥନୀତି ଦୃଢ଼ ରହିଛି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା, ସେବା କ୍ଷେତ୍ରର ଦୃଢ଼ତା, ପୁଞ୍ଜି ନିବେଶରେ ବୃଦ୍ଧି, ଲକ୍ଷ୍ୟଭିତ୍ତିକ ସରକାରୀ ଖର୍ଚ୍ଚ, ଶିଳ୍ପ ଉତ୍ପାଦନରେ ବୃଦ୍ଧି ଆଦି ସାମିଲ ରହିଛି। ସେହିପରି ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ନିମ୍ନଲିଖିତ ପଦକ୍ଷେପଗୁଡ଼ିକ ଖାଉଟି ଚାହିଦା ବଢ଼ାଇବାରେ ସହାୟକ ହୋଇଛି। ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଆୟକର ରିହାତି ଏବଂ ସେପ୍ଟେମ୍ବର ୨୨ରୁ ଅନେକ ସାମଗ୍ରୀ ଉପରେ ଜିଏସଟି ହ୍ରାସ କରାଯାଇଛି। ଯାହା ଖୁଚୁରା ସ୍ତରରେ ଦର ହ୍ରାସ କରିବାରେ ସାହାଯ୍ୟ କରିଛି। ଏହି ଦୁଇଟି ପଦକ୍ଷେପ ଯୋଗୁଁ ଖାଉଟିଙ୍କ ହାତରେ ଅଧିକ ଖର୍ଚ୍ଚଯୋଗ୍ୟ ଆୟ ରହିବା ସହ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇଛି, ଫଳରେ ଏଫ୍ଏମ୍ସିଜି, କଞ୍ଜ୍ୟୁମର ଡ୍ୟୁରେବଲ୍ସ ଏବଂ ସେବା କ୍ଷେତ୍ରରେ ଚାହିଦା ବୃଦ୍ଧି ପାଇଛି।

# କୋଭିଡ୍ ଟିକା ତଥ୍ୟ ନେଇ ଡିପିଆଇଆଇଟିଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ



**ନୂଆଦିଲ୍ଲୀ:** ମହାମାରୀ ସମୟରେ କୋଭିଡ୍ ଟିକା ତଥ୍ୟର ସୂଚନା ଉପଲବ୍ଧ ନଥିବା କହିଥିବା ନେଇ କେନ୍ଦ୍ର ସୂଚନା ଆୟୋଗ ଡିପିଆଇଆଇଟିଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାବୀର ସିଂହ ଶର୍ମାଙ୍କ ଦ୍ୱାରା ଦାୟର ଏକ ସୂଚନା ଅଧିକାର (ଆରଟିଆଇ)ର ଶୁଣାଣି ସମୟରେ ଏହି ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ମହାବୀର ୨୦୨୦ ଓ ୨୦୨୧ ରେ କୋଭିଡ୍ ୧୯ ଟିକାର ଉତ୍ପାଦନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ସିରମ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଓ ଭାରତ ବାୟୋଟେକକୁ ଜାରି କରାଯାଇଥିବା ହଜାର ହଜାର କୋଟି ଟଙ୍କାର ବିବରଣୀ ମାଗିଥିଲେ। ଆରଟିଆଇ ଆବେଦନର ଜବାବରେ ମଗାଯାଇଥିବା ସୂଚନା ତା ପାଖରେ ନଥିବା ଡିପିଆଇଆଇଟି କହିଥିଲା। ଶୁଣାଣି କରି ନିଜ ଆଦେଶରେ ସୂଚନା ଆୟୁକ୍ତ ଖୁସବନ୍ତ ସିଂହ ସେଠୀ କହିଛନ୍ତି ଯେ, ଲଜିଷ୍ଟିକ୍ସ ବିଭାଗ ଆବେଦନକାରୀଙ୍କୁ ସୂଚନା ଉପଲବ୍ଧ ନଥିବା ସ୍ପଷ୍ଟ ରୂପେ ସୂଚିତ କରିଥିଲେ। ତେବେ ଆୟୋଗ ସତ୍ୟପାଠ ମାଧ୍ୟମରେ ଏ ନେଇ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇସି କହିଛନ୍ତି ଯେ, ୨୦୨୩ର ଆରଟିଆଇ ଆବେଦନରେ ମଗାଯାଇଥିବା ସୂଚନା ଉପଲବ୍ଧ ନଥିବା କହିଥିବା ଡିପିଆଇଆଇଟିଙ୍କୁ ଆୟୋଗରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉଛି।

# ଛେଳି, କୁକୁଡ଼ାଙ୍କର କ'ଣ ଜୀବନ ନାହିଁ : ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ବୁଲା କୁକୁରଙ୍କ ସୁରକ୍ଷା ଦାବି କରି ଦାୟର ସଂଖ୍ୟାଧିକ ଆବେଦନଗୁଡିକ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ବୁଲା କୁକୁରଙ୍କୁ ସର୍ବସାଧାରଣ ସ୍ଥାନରୁ ହଟାଇବା, ସେମାନଙ୍କୁ ବନ୍ଧ୍ୟାକରଣ କରିବା ଭଳି ନିଷ୍ପତ୍ତିକୁ ବିରୋଧ କରି ଦାୟର ଆବେଦନଗୁଡିକ ଉପରେ ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଓ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ପୀଠ ଶୁଣାଣି କରିଥିଲେ। ଶୁଣାଣି ସମୟରେ ବୁଲା କୁକୁରଙ୍କ ସୁରକ୍ଷା ପାଇଁ ଅନେକ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଯୁକ୍ତି ଶୁଣିବା ପରେ ସୁପ୍ରିମକୋର୍ଟଙ୍କ ପୀଠ କହିଥିଲେ ଯେ ବୁଲା କୁକୁରଙ୍କ ପ୍ରତି ଯେପରି ଦରଦ ଦେଖାଯାଉଛି ଅନ୍ୟ ଜୀବ ପ୍ରତି କାହିଁକି ସେତିକି ଦରଦ ଦେଖାଯାଉ ନାହିଁ। ଦେଶରେ ଦୈନିକ ଲକ୍ଷ ଲକ୍ଷ ଛେଳି ଓ କୁକୁଡା ହତ୍ୟା କରାଯାଉଛି। ଏହି ଜୀବଗୁଡିକଙ୍କର କ'ଣ ଜୀବନ ନାହିଁ। ସେଥିପ୍ରତି କାହିଁକି କେହି କିଛି କହୁ ନାହାନ୍ତି। ଏହି ପ୍ରସଙ୍ଗରେ ଜଣେ ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବରିଷ୍ଠ ଓକିଲ କପିଲ ସିବଲ କହିଥିଲେ ଯେ କୁକୁର ପ୍ରେମୀମାନେ ହେଉଛନ୍ତି ଏକ ପ୍ରକାର ପରିବେଶ ପ୍ରେମୀ। ତେଣୁ ସେମାନେ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ କୁକୁରଙ୍କୁ ସୁରକ୍ଷା ଦାବି କରୁଛନ୍ତି। ଆମ ପରିବେଶ ଏକ ଶୃଙ୍ଖଳରେ ବନ୍ଧା ହୋଇଛି। ଗୋଟିଏ ଶୃଙ୍ଖଳ ଛିଣ୍ଡିଗଲେ ପୂରା ବ୍ୟବସ୍ଥା ବିଗିଡିଯିବ। ସିବଲଙ୍କ ଏପରି ଯୁକ୍ତି ପରେ ସୁପ୍ରିମକୋର୍ଟ ଛେଳି ଓ କୁକୁଡାଙ୍କ ଭଳି ଅନ୍ୟ



ଜୀବଙ୍କ ପ୍ରସଙ୍ଗ ଉଠାଇଥିଲେ। ମାତ୍ର ସିବଲ କହିଥିଲେ ଯେ ମୁଁ ଚିକେନ ଖାଇବା ବନ୍ଦ କରିଦେଇଛି। କାରଣ କୁକୁଡାଗୁଡିକୁ ନିଷ୍ଠୁର ଭାବେ ପିଞ୍ଜରାରେ ରଖାଯାଉଛି। ଆଉ ଗୋଟିଏ କଥା ହେଲା ଗୋଟିଏ ବାଘ ମଣିଷ ଖାଇଲା ବୋଲି ସବୁ ବାଘକୁ ମଣିଷଖିଆ କହି ହତ୍ୟା କରାଯାଇପାରିବ ନାହିଁ। ସିବଲ କହିଥିଲେ ଯେ ବୁଲା କୁକୁରଙ୍କୁ ଧରି ସମସ୍ତଙ୍କୁ ବନ୍ଧ୍ୟାକରଣ କରାଗଲେ କୁକୁର ସଂଖ୍ୟା ନିୟନ୍ତ୍ରଣ ହେବ। ଏହି ଧାରାବାହିକ ପ୍ରକ୍ରିୟା ଦ୍ୱାରା ବୁଲାକୁକୁରଙ୍କ ସଂଖ୍ୟା ଶୂନ୍ୟ ହୋଇଯିବ। ତେବେ ଭାରତ ଭଳି ଦେଶରେ ବୁଲାକୁକୁର ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ବଡ ଭୂମିକା ନିର୍ବାହ କରୁଛନ୍ତି। ବସ୍ତି ଅଞ୍ଚଳର ଲୋକେ ଏଣେ ତେଣେ ବାସି ଓ ପଚା ଖାଦ୍ୟ ଫୋପାଡିଥାନ୍ତି। ବୁଲା କୁକୁର ଏସବୁ ଖାଇବା ଦ୍ୱାରା ପରିବେଶ ସୁରକ୍ଷା ହୋଇଥାଏ। ଆଉ ବୁଲାକୁକୁରଙ୍କ ପାଇଁ ସହରରେ ଆଶ୍ରୟଗୃହ ନିର୍ମାଣ କରାଗଲେ ଦେଶ ଉପରେ ଆର୍ଥିକ ବୋଝ ପଡିବ। ଅନ୍ୟପଟେ ବୁଲା କୁକୁରଙ୍କ ଆକ୍ରମଣର ଶିକାର ହୋଇଥିବା ବିଭିନ୍ନ ପୀଡିତାଙ୍କ ପକ୍ଷରୁ ମଧ୍ୟ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଯେଉଁମାନେ କି ଜାପାନ ଓ ଆମେରିକାର ଉଦାହରଣ ଦେବା ପୂର୍ବକ ବୁଲାକୁକୁରଙ୍କୁ ହତ୍ୟା କରିବା ଲାଗି ଦାବି କରିଥିଲେ। ଆମେରିକାରେ ବୁଲା କୁକୁରଙ୍କୁ ନେଇ ଆଶ୍ରୟ ଗୃହରେ ରଖାଯାଏ। ଧାର୍ଯ୍ୟ ସମୟରେ ଯଦି ଏହାକୁ କେହି ଲାଳନପାଳନ (ପୋଷ୍ୟ) ପାଇଁ ଗ୍ରହଣ ନକରନ୍ତି ତେବେ ଏହାକୁ ମାରି ଦିଆଯାଏ। ଜାପାନରେ ବୁଲା କୁକୁର ସମସ୍ୟା ନାହିଁ। ୧୯୫୦ ମସିହା ଠାରୁ ଏହି ଦେଶରେ କେହି ଜଳାତଙ୍କରେ ପ୍ରାଣ ହରାଇ ନାହାନ୍ତି।

ଭାରତର ଶାସ୍ତ୍ରୀୟ ଭାଷାଗୁଡ଼ିକର ସମୃଦ୍ଧି ପାଇଁ ୫୫ ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥ ଉନ୍ମୋଚିତ

# ଶାସ୍ତ୍ରୀୟ ଭାଷା ଓ ସଂସ୍କୃତି ହେଉଛି ଆମର ଅମୂଲ୍ୟ ସମ୍ପତ୍ତି : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, (ପିଆଇବି):** ଭାରତର ଭାଷାଗତ ଐତିହ୍ୟକୁ ସୁଦୃଢ଼ କରିବା ଏବଂ ଶାସ୍ତ୍ରୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଅନୁସନ୍ଧାନର କେନ୍ଦ୍ରବିନ୍ଦୁରେ ପ୍ରତିଷ୍ଠିତ କରିବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀର କୌଶଳ ଭବନରେ ୫୫ଟି ଗୁରୁତ୍ୱପୂର୍ଣ୍ଣ ଗ୍ରନ୍ଥର ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକଗୁଡ଼ିକ ଓଡ଼ିଆ, କନ୍ନଡ, ତେଲୁଗୁ, ମାଲାୟାଲମ, ତାମିଲ ଏବଂ ସାଙ୍କେତିକ ଭାଷାରେ ପ୍ରକାଶିତ ହୋଇଛି। ଏହି ସମସ୍ତ ପୁସ୍ତକ ଆଗାମୀ ପିଢ଼ି ପାଇଁ ଓଡ଼ିଶା ତଥା ଭାରତର ବୌଦ୍ଧିକ ଓ ସାଂସ୍କୃତିକ ବିଭବକୁ ବୁଝିବାରେ ଏକ ଅମୂଲ୍ୟ ସମ୍ପତ୍ତି ସଦୃଶ ହେବ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଅନୁଯାୟୀ ଭାରତର ସମସ୍ତ ଭାଷା ହେଉଛି ରାଷ୍ଟ୍ରଭାଷା। ଭାଷା ବିଭାଜନ ନୁହେଁ ବରଂ ସମସ୍ତଙ୍କ ମଧ୍ୟରେ ଏକତା ତିଆରି କରେ। 'ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦' ଅଧୀନରେ ଭାରତୀୟ ଭାଷାଗୁଡ଼ିକୁ ଶିକ୍ଷା ଓ ଗବେଷଣାର କେନ୍ଦ୍ରବିନ୍ଦୁରେ ରଖିବା ପାଇଁ ପ୍ରୟାସ



ଜାରି ରହିଛି। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବାରେ ଏହି ପୁସ୍ତକଗୁଡ଼ିକ ଏକ ମୂଲ୍ୟବାନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଉନ୍ମୋଚିତ ପୁସ୍ତକଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର (ସିଇଏସସିଓ) ର ୧୦ଟି ବହୁମୂଲ୍ୟ ଗବେଷଣାତ୍ମକ ପୁସ୍ତକ ଅନ୍ତର୍ଭୁକ୍ତ, ଯାହା ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟ ମାନ୍ୟତାକୁ ଆହୁରି ସୁଦୃଢ଼ କରିବ। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଜଗତ ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାକୁ ସୁଦୃଢ଼ କରିବା ଏବଂ ଏହାର ସମୃଦ୍ଧ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ 'ଶାସ୍ତ୍ରୀୟ ଓଡ଼ିଆ ଭାଷା ଅଧ୍ୟୟନ କେନ୍ଦ୍ର ପକ୍ଷରୁ ୧୦ଟି ପ୍ରାଚୀନ ଓ ଗବେଷଣାତ୍ମକ ପୁସ୍ତକ ଉନ୍ମୋଚନ ସ୍ୱାଗତଯୋଗ୍ୟ। ଚର୍ଯ୍ୟାପଦ ଠାରୁ ଆରମ୍ଭ କରି ମାଦଳାପାଞ୍ଜି ପର୍ଯ୍ୟନ୍ତ, ଓଡ଼ିଆ ଭାଷାର ସମୃଦ୍ଧ ଶବ୍ଦ ସମ୍ଭାରକୁ ନେଇ ଏହି ପୁସ୍ତକଗୁଡ଼ିକ ଏକ ନୂତନ ପରିଚୟ ସୃଷ୍ଟି କରିବ। ବିଶେଷ କରି 'ମାଦଳାପାଞ୍ଜି'ର ଇଂରାଜୀ ଓ ହିନ୍ଦୀ ଅନୁବାଦ ଏବଂ 'ରୁଦ୍ରସୁଧାନିଧି'ର ଇଂରାଜୀ ଅନୁବାଦ ଓଡ଼ିଶାର ଇତିହାସ ଓ ଦର୍ଶନକୁ ଅଣ-ଓଡ଼ିଆ ପାଠକଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ। ଏହି ପ୍ରକାଶନଗୁଡ଼ିକ ଆଗାମୀ ପିଢ଼ିର ଗବେଷକ ଓ ଭାଷାପ୍ରେମୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ପତ୍ତି ହୋଇ ରହିବ। ବିଶେଷ କରି 'ତିରୁକ୍କୁରଲ'ର ସାଙ୍କେତିକ ଭାଷା ସଂସ୍କରଣ ଏକ ଅନ୍ତର୍ଭୁକ୍ତ ଓ ସମାବେଶୀ ଭାରତର ଚିତ୍ର ଉପସ୍ଥାପନ କରିଛି। ଏହି ଅବସରରେ ମନ୍ତ୍ରୀ ଭାରତୀୟ ଭାଷା ସମିତି, ସିଆଇଆଇଏଲ, ସିଆଇସିଟି ଏବଂ ସମସ୍ତ ସେଣ୍ଟର ଅଫ୍ ଏକ୍ସଲେନ୍ସର ବିଦ୍ୱାନମାନଙ୍କୁ ସାଧୁବାଦ ଜଣାଇଛନ୍ତି।

# 'ପୋଷଣ ସୁରକ୍ଷା ଦିଗରେ ଆଗକୁ ବଢୁଛି ଭାରତ'

**ନୂଆଦିଲ୍ଲୀ, (ପିଆଇବି):** କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ନୂଆଦିଲ୍ଲୀର କୃଷି ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଖାଦ୍ୟ ଏବଂ କୃଷି ସଂଗଠନ (ଏଫଏଓ), ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫପି), କୃଷି ବିକାଶ ପାଇଁ ଅନ୍ତର୍ଜାତୀୟ ପାଣ୍ଠି (ଆଇଏଫଏଡି), ବିଶ୍ୱ ବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ (ଏଡିବି), ଡଚ ଗେସେଲଶାଫ୍ଟ ଫର୍ ଇଣ୍ଟରନ୍ୟାସନାଲେ ଜୁସାମେନାର୍ବିଟ୍ (ଜିଆଇଜେଡ୍) ଏବଂ ଜାପାନ ଅନ୍ତର୍ଜାତୀୟ ସହଯୋଗ ଏଜେନ୍ସି (ଜାଇକା) ସମେତ ପ୍ରମୁଖ ଅନ୍ତର୍ଜାତୀୟ ଏବଂ ବହୁପାକ୍ଷିକ ବିକାଶ ସହଭାଗୀ ସଂଗଠନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ସହଯୋଗକୁ ଆହୁରି ସୁଦୃଢ଼ କରିବା, ଦୀର୍ଘକାଳୀନ ବିକାଶ ପ୍ରାଥମିକତାକୁ ସମନ୍ୱିତ କରିବା ଏବଂ ସ୍ଥାୟୀ ବିକାଶ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। କୃଷକଙ୍କ କଲ୍ୟାଣ ଏବଂ ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ଦୀର୍ଘକାଳୀନ ନୀତି ପ୍ରଣୟନ ଲାଗି ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ପ୍ରତିନିଧିମାନଙ୍କୁ ସ୍ୱାଗତ କରି ଶ୍ରୀ ଚୌହାନ କହିଥିଲେ, ଭାରତର କୃଷି ଯାତ୍ରା ଉଲ୍ଲେଖନୀୟ ହୋଇପାରିଛି।



ଭାରତ ଏକ ଖାଦ୍ୟ ଅଭାବ ଦେଶରୁ କୃଷି ଉତ୍ପାଦର ଏକ ପ୍ରମୁଖ ରପ୍ତାନିକାରୀ ପାଲଟିଛି। ଏହି ପରିବର୍ତ୍ତନରେ ସେ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଭାରତ ସଫଳତାର ସହିତ ଖାଦ୍ୟ ସୁରକ୍ଷା ହାସଲ କରିଛି ଏବଂ ବର୍ତ୍ତମାନ ପୋଷଣ ସୁରକ୍ଷା ଦିଗରେ ଆଗକୁ ବଢୁଛି। ଏହାସହିତ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା ପାଇଁ ଦୃଢ଼ ଭାବରେ କାର୍ଯ୍ୟ କରୁଛି। ଶ୍ରୀ ଚୌହାନ ଏହା ମଧ୍ୟ କହିଥିଲେ, ଭାରତ ଅନ୍ୟ ଦେଶମାନଙ୍କ ସହିତ ନିଜର ଅଭିଜ୍ଞତା ଏବଂ ସର୍ବୋତ୍ତମ ଅଭ୍ୟାସ ବାଣ୍ଟିବା ପାଇଁ ଭଲ ସ୍ଥିତିରେ ଅଛି। କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ପାରସ୍ପରିକ ବିକାଶ ଏବଂ ସହଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ୟ ଦେଶରେ ଗ୍ରହଣ କରାଯାଇଥିବା ବିଶ୍ୱସ୍ତରୀୟ ନବସୃଜନ ଏବଂ ସଫଳ ମଡେଲଗୁଡ଼ିକରୁ ଶିଖିବା ପାଇଁ ମଧ୍ୟ ଭାରତ ପ୍ରସ୍ତୁତ ରହିଛି।

ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ: ଅଭିନବ ମଳବର୍ଜ୍ୟ ପରିଚାଳନା ମଡେଲ ନେଇ ରାଜ୍ୟମାନଙ୍କ ସହ ଜଳଶକ୍ତି ମନ୍ତ୍ରୀଙ୍କ ସମୀକ୍ଷା

# ଗ୍ରାମୀଣ ପରିମଳ ପାଇଁ ନବୀନ ଏଫ୍‌ଏସ୍‌ଏମ୍ ପଦକ୍ଷେପକୁ ପ୍ରଶଂସା

**ନୂଆଦିଲ୍ଲୀ, (ପିଆଇବି):** ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅଧୀନରେ ଦେଶରେ ଚାଲୁଥିବା ମଳ ବର୍ଜ୍ୟ ପରିଚାଳନା (ଏଫଏସଏମ)ର ବିଭିନ୍ନ ମଡେଲ ଉପରେ ଆଲୋଚନା ପାଇଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭିନ୍ନ ଜିଲ୍ଲାମାନଙ୍କ ସହ ଏକ ଭର୍ଚୁଆଲ୍ ବୈଠକ ଆୟୋଜନ କରିଥିଲା। ଏହି ଭର୍ଚୁଆଲ୍ ଆଲୋଚନାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର. ପାଟିଲ ଅଧ୍ୟକ୍ଷତା କରିଥିଲେ। ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା, ପାନୀୟ ଜଳ ଓ ପରିମଳ ବିଭାଗର ସଚିବ ଅଶୋକ କେ.କେ. ମୀନା ଏବଂ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ମିଶନ ନିର୍ଦ୍ଦେଶକ ଐଶ୍ୱର୍ଯ୍ୟା ସିଂହ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ସିଇଓ, ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଭର୍ଚୁଆଲ୍ ଭାବେ ଯୋଗ ଦେଇଥିଲେ। ଏହି ଆଲୋଚନାର ମୂଖ୍ୟ ଉଦ୍ଦେଶ୍ୟ ଥିଲା ଦେଶର ବିଭିନ୍ନ ଅଞ୍ଚଳରେ ସଫଳ ଓ ବିସ୍ତାରଯୋଗ୍ୟ ଏଫଏସଏମ ମଡେଲଗୁଡ଼ିକୁ ଅନୁକରଣ କରିବା। ଏହା ସହ ସମଗ୍ର ପରିମଳ ମୂଲ୍ୟ ଶୃଙ୍ଖଳ ଉପରେ ଗୁରୁତ୍ୱ ଦେଇ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଓ ଜିଲ୍ଲାମାନଙ୍କ ମଧ୍ୟରେ ପାରସ୍ପରିକ ଶିକ୍ଷାକୁ ମଜବୁତ କରିବା ଏବଂ ଶୌଚାଳୟ ନିର୍ମାଣ ସହ ସୁରକ୍ଷିତ ପରିମଳ ବ୍ୟବସ୍ଥାର ଗୁରୁତ୍ୱକୁ ଆହୁରି ଦୃଢ଼ କରିବା। ଏହି ଅବସରରେ ଗୁଜରାଟ, ସିକିମ୍, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ଲଦାଖ ଓ ତ୍ରିପୁରାର ପ୍ରତିନିଧିମାନେ ସେମାନଙ୍କ ବ୍ୟବହାରିକ ଅଭିଜ୍ଞତା



ବାଣ୍ଟିବା ସହ ମଡେଲ୍ ଉପସ୍ଥାପନ କରିଥିଲେ। ଏଥିରେ ଇନ୍-ସିଟୁ ଟ୍ରିଟମେଣ୍ଟ, ସାମୁଦାୟିକ ସମାଧାନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ସହ ମିଶି କାର୍ଯ୍ୟକାରୀ ପରିଚାଳନା ଓ ରକ୍ଷଣାବେକ୍ଷଣ, ମଳ ବର୍ଜ୍ୟ ଟ୍ରିଟମେଣ୍ଟ ପ୍ଲାଣ୍ଟର ସ୍ଥାୟୀତ୍ୱ ଏବଂ ଏଫଏସଏମ ପାଇଁ ସହର-ଗ୍ରାମ ସଂଯୋଗ ଭଳି ବିଷୟ ସାମିଲ ଥିଲା। ବିଶୋଧିତ ମଳ ବର୍ଜ୍ୟ ଓ ବର୍ଜ୍ୟଜଳକୁ ସୁରକ୍ଷିତ ଭାବେ ସଂଗ୍ରହ, ପରିବହନ, ଚିକିତ୍ସା ଓ ପୁନଃବ୍ୟବହାର କରିବା ପ୍ରୟାସ ଉପରେ ମଧ୍ୟ ଆଲୋଚନା ହୋଇଥିଲା। କେତେକ ମଡେଲ୍ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ ସମ୍ପ୍ରଦାୟ ସ୍ତରରେ ନିଯୁକ୍ତି ସୃଷ୍ଟି ସୁଯୋଗ ମଧ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ସମୟରେ ରାଜ୍ୟଗୁଡ଼ିକ ଦେଶର ବିଭିନ୍ନ ଅଞ୍ଚଳରୁ ଅନେକ ଅଭିନବ ଓ ବିସ୍ତାରଯୋଗ୍ୟ ଏଫଏସଏମ ମଡେଲ୍ ଉପସ୍ଥାପନ କରିଥିଲେ। ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାରେ କିନ୍ନର ସମ୍ପ୍ରଦାୟ ପରିଚାଳିତ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ମଳ ବର୍ଜ୍ୟ ଟ୍ରିଟମେଣ୍ଟ ପ୍ଲାଣ୍ଟର ସଫଳ ପରିଚାଳନା କରୁଛି। ଏହି ମଡେଲ୍ ପରିମଳ ସେବାକୁ ସମାବେଶୀ ଓ ସ୍ଥାୟୀ କରିବା ସହ କିନ୍ନର ସମ୍ପ୍ରଦାୟ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଜୀବିକା ସୃଷ୍ଟି କରୁଛି। ଏହା ସାମାଜିକ ଅନ୍ତର୍ଭୁକ୍ତି ଓ ଅବହେଳିତ ଗୋଷ୍ଠୀଙ୍କ ଆର୍ଥିକ ସଶକ୍ତିକରଣର କ୍ଷେତ୍ରରେ ସମ୍ପ୍ରଦାୟ-ଭିତ୍ତିକ ଉଦ୍ୟୋଗଗୁଡ଼ିକର ଶକ୍ତିକୁ ଦର୍ଶାଏ।



## 'ସୁଭଦ୍ରା' ଲେଖିବ ନୂଆ ଅଧ୍ୟାୟ : ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ସୁଭଦ୍ରାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ବଡ ସୂଚନା। ନୂଆ ପୁରୁଣା ସମସ୍ତଙ୍କ ଆକାଉଣ୍ଟକୁ ଯିବ ଏହି ଟଙ୍କା। ଏଇ ସପ୍ତାହରେ ମିଳି ସଭୁଦ୍ରା ଟଙ୍କା। ସମୀକ୍ଷା ବୈଠକ ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ସୁଭଦ୍ରାରେ ୪ଲକ୍ଷ ୫୭ହଜାର ୬୮୧ଜଣଙ୍କୁ ଏହି ସପ୍ତାହରେ ଟଙ୍କା ମିଳିବ। ଏସଓପି ଅନୁସାରେ କରାଯିବ। ଏଥିରେ ଯେଉଁମାନେ ନୂଆ ପଞ୍ଜିକୃତ କରିଥିବା ହିତାଧିକାରୀ ୧ଲକ୍ଷ ୭୮ହଜାର ୩୮୯ଜଣ, ଅନ୍ୟ କୌଣସି କାରଣ ପାଇଁ କଟି ଯାଇଥିବା ୨୪ହଜାର ୧୮ଜଣ ହିତାଧିକାରୀ ଓ ପ୍ରଥମ ଦ୍ୱିତୀୟ କିସ୍ତିରେ ପାଇନଥିବା ହିତାଧିକାରୀ ତୃତୀୟ କିସ୍ତିରେ ପାଇଥିଲେ, ସେମାନଙ୍କୁ ପ୍ରଥମ ଓ ଦ୍ୱିତୀୟ କିସ୍ତିର ଟଙ୍କା ପାଇବେ। ୨ଲକ୍ଷ ୫୫ହଜାରରୁ ଅଧିକ ହିତାଧିକାରୀ ଏଥର ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ମହିଳାଙ୍କୁ ସଶକ୍ତ କରିବା ପାଇଁ ସଭୁଦ୍ରା ନୂଆ ଅଧ୍ୟୟ ଲେଖିବ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଉପହାର ସାମଗ୍ରୀ ଯୋଗାଇବା ପାଇଁ ବୁଝାମଣାପତ୍ର



**ଭୁବନେଶ୍ୱର :** ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉପସ୍ଥିତିରେ ବିଭାଗୀୟ ସମ୍ମିଳନୀ କକ୍ଷରେ ବହୁ ପ୍ରତିକ୍ଷିତ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଉପହାର ସାମଗ୍ରୀ ଯୋଗାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଉତ୍କଳିକା,ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ମାଧ୍ୟମରେ ଉତ୍କଳିକା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଯୋଗ୍ୟ କନ୍ୟାମାନଙ୍କୁ ଉପହାର ସାମଗ୍ରୀ ଯଥା ଶାଢୀ, ଚୁଡ଼ି, ପାଉଁଜି,ଝୁଣ୍ଟିଆ,ଅଳତା, ସିନ୍ଦୂର ସମେତ ସମସ୍ତ ଶୃଙ୍ଗାର ସାମଗ୍ରୀ ସହ ବାସନ କୁସନ ଭଳି ଘରୋଇ ବ୍ୟବହାର ସାମଗ୍ରୀ ଭଳି ଉପଲବ୍ଧ କରାଇବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି। ଏହି ସହଯୋଗ ମାଧ୍ୟମରେ ମହିଳା କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହ ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତକଳା କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା; ବିଭାଗୀୟ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ; ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି;ଅତିରିକ୍ତ ସଚିବ ପ୍ରତାପ ହୋତା,ଏବଂ ଉଭୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଏବଂ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେଇଛି।

## ଟୋଲ ଗେଟ୍ ଜୋରିମାନା ଏପ୍ରିଲ ପହିଲା ଯାଏ ବନ୍ଦ

**ଭୁବନେଶ୍ୱର :** ପ୍ରଦୂଷଣ ପ୍ରମାଣପତ୍ର, ଜୋରିମାନା ଆଦାୟକୁ ନେଇ ବିଭିନ୍ନ ମହଲରୁ ବେଶ୍ ସମାଲୋଚନାର ଶରବ୍ୟ ହୋଇଥିବା ପରିବହନ ବିଭାଗ ଜନ ସନ୍ତୁଷ୍ଟିକରଣ ଉଦ୍ୟମ ଆରମ୍ଭ କରିଛି। ପ୍ରଦୂଷଣ ପାଇଁ ମାତ୍ରାଧିକ ଜୋରିମାନାକୁ କୋହଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ଟୋଲ୍ ଗେଟ୍‌ରେ ପ୍ରଚଳିତ ଇ-ଡିଟେକ୍ସନ୍ ଜରିଆରେ ଚାଲାଣ କାଟିବା ସ୍ଥଗିତ ରଖାଯାଇଥିବା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଏ ସମ୍ପର୍କିତ ପ୍ରସ୍ତାବ ପରିବହନ ବିଭାଗ ପକ୍ଷରୁ ଆଇନ୍ ବିଭାଗକୁ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ବିଧି ଅନୁସାରେ ଜୋରିମାନା ପରିମାଣ ହ୍ରାସ କରିପାରିବେ। ମନ୍ତ୍ରୀ ଶ୍ରୀଜେନା କହିଛନ୍ତି, ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ମୋଟର ଯାନ ଆଇନ ଅନୁଯାୟୀ ଲାଗୁ ହେଉଥିବା ୧୦ ହଜାର ଟଙ୍କା ଜୋରିମାନାକୁ ହ୍ରାସ କରିବା ଦିଗରେ ବିଭାଗ ପକ୍ଷରୁ ତର୍ଜମା କରାଯିବ। ଏପ୍ରିଲ ପହିଲା ଯାଏ ଟୋଲ ଗେଟରେ ମଧ୍ୟ ଏ ସମ୍ପର୍କିତ ଜୋରିମାନା ଆଦାୟ ବନ୍ଦ ରହିବ। ବାୟୁ ଗୁଣବତ୍ତା ଦିନକୁ ଦିନ ଖରାପ ହେଉଛି। ଏହାର ସୁଧାର ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଓଡ଼ିଶାରେ ମାତ୍ର ୨୧ ପ୍ରତିଶତ ଗାଡ଼ିରେ ପ୍ରଦୂଷଣ ପ୍ରମାଣପତ୍ର ରହିଛି। ପଲ୍ୟୁସନ୍ ସାର୍ଟିଫିକେଟ ନଥିଲେ ତେଲ ମନା, ଡିସେମ୍ବରରେ ପରିବହନ ବିଭାଗର ଏହି ରାତି ଅଧିଆ ନିୟମକୁ ନେଇ ଜନତାଙ୍କ ମଧ୍ୟରେ ଆକ୍ରୋଶ ଦେଖା ଦେଇଥିଲା। ପରେ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ଅବ୍ୟବସ୍ଥା, ଜୋରିମାନା ଦାଖଲ କରିବା ସମସ୍ୟା, ବିଭିନ୍ନ ବୈଷୟିକ ତ୍ରୁଟି, ସବୁଜ ଷ୍ଟିକର ଆଦିକୁ ନେଇ ଲୋକଙ୍କ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ପରିସ୍ଥିତିକୁ ଦେଖି ବିଭାଗ ତିନିଟି ଦଫାରେ ପ୍ରଦୂଷଣ ପ୍ରମାଣପତ୍ର କଟକଣା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତଥାପି ଗାଡ଼ି ମାଲିକଙ୍କ ଯନ୍ତ୍ରଣା କମୁ ନାହିଁ। ଜୋରିମାନା ନାମରେ ଲୋକଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ ବଢ଼ି ଚାଲିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳ, ସାମାଜିକ ଅନୁଷ୍ଠାନ ରାସ୍ତାକୁ ଓହ୍ଲାଇଛନ୍ତି। ହାଇକୋର୍ଟରେ ମାମଲା ପହଞ୍ଚିଛି।

### ସାଧାରଣତନ୍ତ୍ର ଦିବସ ପାଳନ ସମ୍ପର୍କରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ

# ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା

**ଭୁବନେଶ୍ୱର :** ଭୁବନେଶ୍ୱରରେ ଆସନ୍ତା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଅଧ୍ୟକ୍ଷତା କରି କହିଲେ ଯେ ସାଧାରଣତନ୍ତ୍ର ଦିବସ ହେଉଛି ସମସ୍ତଙ୍କ ପାଇଁ ଗର୍ବ, ଗୌରବ ଓ ଭାବବେଗର ପ୍ରତୀକ। ମହାତ୍ମା ଗାନ୍ଧୀ ମାର୍ଗରେ ହେବାକୁ ଥିବା ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଓଡ଼ିଶାର ମହାମହିମ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଉତ୍ସବକୁ ଅତ୍ୟନ୍ତ ଶୃଙ୍ଖଳିତ, ଆଧୁନିକ ଓ ଆକର୍ଷଣୀୟ ଭାବରେ ପାଳନ କରିବାକୁ ସେ କହିଥିଲେ। ଉତ୍ସବର ପ୍ରତ୍ୟେକ ଆୟୋଜନ ଯଥା-ପାରେଡ୍, ସାଜସଜ୍ଜା, ଆମନ୍ତ୍ରିତ ଅତିଥିଙ୍କ ଉପବେସନ ବ୍ୟବସ୍ଥା, ସୁରକ୍ଷା, ସମୟନିଷ୍ଠତା ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ବୈଠକରେ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳ, ପାର୍କ ଓ ବସ୍ ?ଷ୍ଟାଣ୍ଡ ଆଦି ସ୍ଥାନରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଭାତରେ ରାମଧୁନ୍ ପରିବେଷଣ କରି ଦେଶପ୍ରେମ ଭାବନା ସୃଷ୍ଟି କରିବା ସମ୍ପର୍କରେ ଆଲୋଚନା



କରାଯାଇଥିଲା। ଏହା ସହ ପତାକା ଉତ୍ତୋଳନ ସ୍ଥଳରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଉତ୍ସବ ସ୍ଥଳର ସାଜସଜ୍ଜା ଓ ପ୍ରଜ୍ଞାପନ ମେଢ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ସାଧାରଣତନ୍ତ୍ର ଦିବସ ପାଳନକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ବୃଦ୍ଧି କରାଯିବ ବୋଲି ବୈଠକର ଆଲୋଚନାରୁ ଜଣାପଡ଼ିଛି। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାଗୁଡ଼ିକରେ ଆଲୋକ ସଜ୍ଜା କରାଯିବା ସହ ସମସ୍ତ ବ୍ୟବସ୍ଥାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ଆୟୁଷ ଡାକ୍ତର କେବଳ ଆୟୁର୍ବେଦିକ ଔଷଧ ଲେଖିବେ

**ଭୁବନେଶ୍ୱର :** ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍)ର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ପ୍ରଥମେ କେଉଁଝର ଜିଲ୍ଲାରେ ଏକ ପାଇଲଟ୍ ପ୍ରୋଗ୍ରାମ ଭାବରେ ଆରମ୍ଭ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ସଫଳତାକୁ ଅନୁଧାନ କରାଯାଇ ସମଗ୍ର ରାଜ୍ୟରେ ଏହାର ସଂପ୍ରସରାରଣ କରାଯିବ। ଡିଜିଟାଲ୍ ମିଶନ ଦ୍ୱାରା ଅଧିକାଂଶ ସ୍ୱାସ୍ଥ୍ୟସେବାକୁ ଯଥା ଆପଏଣ୍ଟମେଣ୍ଟ, ବୁକିଙ୍ଗ୍, ରେଫରାଲ୍ ଓ ଫଲୋଅପ୍ ବ୍ୟବସ୍ଥା ଇତ୍ୟାଦି ସମସ୍ତ କାର୍ଯ୍ୟ ଡିଜିଟାଲ



ମାଧ୍ୟମରେ କରାଯିବ। ଏହା ଦ୍ୱାରା ରୋଗୀମାନଙ୍କ ପ୍ରତୀକ୍ଷା ସମୟ କମିବ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ହୋଇପାରିବ। ଏଥିସହିତ ଡାକ୍ତର ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ଗୁଡ଼ିକରେ, ଡିପ୍ଲୋମେଟି ଅଫ୍ ନ୍ୟାସନାଲ ବୋର୍ଡ (ଡିଏନ୍‌ବି) ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିରେ ଡାକ୍ତରମାନେ ପ୍ରାକ୍ଟିକାଲ୍ ଓ କ୍ଲିନିକାଲ୍ ଟ୍ରେନିଙ୍ଗ୍ ପାଇ ସ୍ପେସିଆଲାଇଜେସନ୍ କରିପାରିବେ। ସାରା ରାଜ୍ୟରେ ଆୟୁଷ ଔଷଧକୁ ଲୋକପ୍ରିୟ କରିବାପାଇଁ, ଆୟୁଷ ଡାକ୍ତରମାନେ କେବଳ ଆୟୁର୍ବେଦିକ ଔଷଧ ହିଁ ଲେଖିବେ ଏବଂ କୌଣସି ଏଲୋପାଥିକ ଔଷଧ ପ୍ରେସକ୍ରାଇବ କରିବେ ନାହିଁ। ତତସହିତ ଓଡ଼ିଶାରେ ଆୟୁଷ ଡାକ୍ତରମାନଙ୍କର ସେବାକୁ ଅଗ୍ରାଧିକାର ଦେବା ନିମନ୍ତେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାନଙ୍କରେ ଆର୍ଯୁବେଦିକ ଓ ହୋମିଓପାଥି ମେଡିସିନ ଉପଲବ୍ଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ପିଆଇବି ଏଡିଜିଙ୍କ ଆକାଶବାଣୀ କଟକ କେନ୍ଦ୍ର ପରିଦର୍ଶନ

**ଭୁବନେଶ୍ୱର,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ଅନୁରୂପ ଓଡ଼ିଶା ଜାତୀୟ ବିକାଶରେ ସକ୍ରିୟ ଅଂଶଗ୍ରହଣ କରୁଛି। ଏହି କ୍ରମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ପ୍ରଚାରପ୍ରସାରରେ ଆକାଶବାଣୀ କଟକ କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିଛି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଆଜି ଆକାଶବାଣୀ କଟକ କେନ୍ଦ୍ର ପରିଦର୍ଶନ କରିବା ସହିତ ଅଧିକାରୀମାନଙ୍କ ସହିତ ମତବିନିମୟ କରିଛନ୍ତି। ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଲାଗି ପରବର୍ତ୍ତୀ ରୂପରେଖ ପ୍ରସ୍ତୁତି ଏବଂ ଏଥିରେ ଆକାଶବାଣୀର ଭୂମିକାକୁ ନେଇ ଶ୍ରୀ ମିଶ୍ର ଆଲୋଚନା କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ମହିଳା ସଶକ୍ତୀକରଣ ଏବଂ ଆଦିବାସୀ କଲ୍ୟାଣ ଦିଗରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏହା ସମାବେଶୀ



ବିକାଶକୁ ସୁଦୃଢ଼ କରିବା ସହିତ ବିକଶିତ ଭାରତ ଗଠନ ଦିଗରେ ଫଳପ୍ରଦ ଯୋଗଦାନ ଦେଉଛି। ଏସବୁ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରସାରିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସମାଚାର ବିଷୟରେ କେନ୍ଦ୍ରର ଅଧିକାରୀମାନେ ସୂଚନା ଦେଇଥିଲେ। ଏହି ଅବସରରେ ଆକାଶବାଣୀ କଟକ କେନ୍ଦ୍ରର ଉପନିର୍ଦ୍ଦେଶକ ତଥା ଆଞ୍ଚଳିକ ସମାଚାର ପ୍ରଭାଗ ମୁଖ୍ୟ ଡକ୍ଟର ସତ୍ୟ ନାରାୟଣ ପଟ୍ଟନାୟକ, ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଓ ନିର୍ମାଲ୍ୟ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଢେଙ୍କାନାଳରେ ହେବ ନୂଆ ମେଗା ଷ୍ଟିଲ ପ୍ଲାଣ୍ଟ

**ଭୁବନେଶ୍ୱର :** ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ବିକାଶ ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜିଲା କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ନିଶ୍ଚିତ ହେବା ପରେ ଏବେ ଢେଙ୍କାନାଳ ଜିଲ୍ଲାରେ ଆଉ ଏକ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ୪୩ତମ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି (ଏଚ୍ଏଲସିଏ) ବୈଠକରେ ମୋଟ ୫୫,୭୮୩ କୋଟି ଟଙ୍କାର ୭ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ରାଜ୍ୟରେ ପ୍ରାୟ ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଢେଙ୍କାନାଳ ଜିଲାରେ ୩୫,୦୦୦ କୋଟି ଟଙ୍କା ବ୍ୟୟରେ ଏକ ୬ ଏମ୍‌ଟିପିଏ ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ର ସହାୟକ କମ୍ପାନୀ ସାଫ୍ରନ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍। ଏହି ଗୋଟିଏ ପ୍ରକଳ୍ପ ଦ୍ୱାରା ପ୍ରାୟ ୮,୦୦୦ ଲୋକଙ୍କୁ ନିଯୁକ୍ତି ମିଳିବାର ଆଶା କରାଯାଉଛି। ଏହା ବ୍ୟତୀତ ଇନୋକ୍ସ ଏୟାର୍ ପ୍ରଡକ୍ଟସ୍ ଏବଂ ଜିଏମଆର୍ କମଳାଙ୍ଗା ଏନର୍ଜି ମଧ୍ୟ ଏହି ଜିଲାରେ ପୃଥକ ପ୍ରକଳ୍ପ ନିର୍ମାଣ କରିବେ। ଢେଙ୍କାନାଳ ବ୍ୟତୀତ ଗଞ୍ଜାମ, କେନ୍ଦୁଝର ଓ ଖୋର୍ଦ୍ଧା



ଜିଲ୍ଲାରେ ମଧ୍ୟ ବୃହତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ମିଳିଛି। ଜିନ୍ଦଲ ପଲି ଫିଲ୍ମସ ଲିମିଟେଡ୍ ଦ୍ୱାରା ୧୨,୦୦୦ କୋଟି ଟଙ୍କାରେ ଏକ ଟାଇଟାନିୟମ୍ ଡାଇଅକ୍ସାଇଡ୍ ପିଗମେଣ୍ଟ ୟୁନିଟ୍ ପ୍ରତିଷ୍ଠା ହେବ। ଏହାସହ ଅଟୋ-କମ୍ପୋନେଣ୍ଟ କ୍ଷେତ୍ରରେ ମଧ୍ୟ ନିବେଶ ହେବ। ସାନକୋଡ୍ ସେମି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସେମିକଣ୍ଡକ୍ଟର ଆସେମ୍ବଲି ଓ ଟେଷ୍ଟିଂ (ଓଏସ୍‌ଟିଏ) ୟୁନିଟ୍ ସ୍ଥାପନ କରାଯିବ। ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍ ୨,୦୦୦ କୋଟି ଟଙ୍କା ନିବେଶରେ ଫେରୋ ଆଲଏଜ୍ ସୁବିଧା ଓ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ନିର୍ମାଣ କରିବ। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶିଳ୍ପ ବିକାଶ ଓ ନିଯୁକ୍ତି ବୃଦ୍ଧି ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

### ମା' ଭଗବତୀ ମନ୍ଦିର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା

# ଉନ୍ନତି ପାଇଁ ଅର୍ଥର ଅଭାବ ରହିବନି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଗସ୍ତ ଅବସରରେ ଆରାଧ୍ୟ ଦେବୀ ମା ଭଗବତୀଙ୍କ ଦର୍ଶନ କରି ରାଜ୍ୟ ବାସୀଙ୍କ କଲ୍ୟାଣ ପାଇଁ ଆଶୀର୍ବାଦ ଭିକ୍ଷା କରିବା ସହିତ ମା ଭଗବତୀ ପୀଠର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨୬ କୋଟି ଟଙ୍କା ବିନିଯୋଗରେ ଓବିସିସିର ତତ୍ତ୍ୱାବଧାନରେ ଜାରିରହିଛି। ଏଥିରେ ମନ୍ଦିର ପରିକ୍ରମା, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧା କେନ୍ଦ୍ର, ଯଜ୍ଞ ମଣ୍ଡପ, ପାର୍କିଂ ବ୍ୟବସ୍ଥା ଏବଂ ମୁଖ୍ୟ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ରହିଛି। ମୁଖ୍ୟମନ୍ତ୍ରୀ ଏ ସମସ୍ତ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରି ମାଆଙ୍କର ଏହି କାର୍ଯ୍ୟ ଯଥା ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପସ୍ଥିତ ସେବାୟତ ଓ ବାଣପୁର ବାସୀଙ୍କୁ ମୁଖ୍ୟମନ୍ତ୍ରୀ



କହିଥିଲେ ଯେ ଡିପିଆର ପ୍ରସ୍ତୁତ ହୋଇ କାମ ଆରମ୍ଭ ହୋଇଛି, ମାଆଙ୍କ ମନ୍ଦିର ପାଇଁ ଯାହା ଅର୍ଥ ଆବଶ୍ୟକ ହେବ ଯୋଗାଇ ଦିଆଯିବ ଏବଂ ମାଆଙ୍କ ଆଶୀର୍ବାଦରୁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ। ମା'ଙ୍କ ମନ୍ଦିରର ଉନ୍ନତି ପାଇଁ ଅର୍ଥର ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳ ପାଇଁ ପାନୀୟ ଜଳ ନିରାପତ୍ତା ଯୋଜନାର ସମୀକ୍ଷା

# ଭବିଷ୍ୟତର ସହରାଞ୍ଚଳ ଚାହିଦା ପୂରଣ ପାଇଁ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ୱାଟକୋକୁ ନିର୍ଦ୍ଦେଶ

**ଭୁବନେଶ୍ୱର :** ରାଜଧାନୀ ଏବଂ ଆଖପାଖ ଅଞ୍ଚଳ ପାଇଁ ୱାଟକୋ ଦ୍ୱାରା ପ୍ରସ୍ତୁତ ପାନୀୟ ଜଳ ସୁରକ୍ଷା ଯୋଜନାର ସମୀକ୍ଷା କରିଛନ୍ତି ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ। ବୈଠକରେ ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ୱାଟକୋ ଏମ୍ ଡି ଦେବବ୍ରତ ମହାନ୍ତି ଓ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷା ସମୟରେ, ଶ୍ରୀମତୀ ପାଢୀ ଭୁବନେଶ୍ୱରର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ଭବିଷ୍ୟତର ସହରାଞ୍ଚଳ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଚାଲୁଥିବା ଏବଂ ପ୍ରସ୍ତାବିତ ସମସ୍ତ ଜଳ ଯୋଗାଣ ପ୍ରକଳ୍ପକୁ ପ୍ରାଥମିକତା ଦେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ୱାଟ୍‌କୋକୁ ନିର୍ଦ୍ଦେଶ ଦେଇଛନ୍ତି। ୱାଟକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ବର୍ତ୍ତମାନର ଜଳ ଯୋଗାଣ ସ୍ଥିତି, ଚାହିଦା-ଯୋଗାଣ ବ୍ୟବଧାନ ଏବଂ ଯୋଜନାବଦ୍ଧ ଭିତ୍ତିଭୂମି ବୃଦ୍ଧି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ, ଯାହା ବିକଶିତ ଓଡ଼ିଶା @୨୦୩୬ ଏବଂ ବିକଶିତ ଭାରତ @୨୦୪୭ର ଦୃଷ୍ଟିକୋଣ ସହିତ ମେଳ ଖାଉଛି। ପ୍ରକଳ୍ପ କାର୍ଯ୍ୟକାରିତା ସମୟରେ ସମ୍ମୁଖୀନ ହେଉଥିବା କେତେକ ପରିଚାଳନାଗତ ଏବଂ ପ୍ରଶାସନିକ ଆହ୍ୱାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ। ଦ୍ରୁତ ସହରୀକରଣ, ଜଳବାୟୁର ପରିବର୍ତ୍ତନ ଏବଂ ଋତୁକାଳୀନ ଅଭାବ ଯୋଗୁଁ ବଢୁଥିବା ଜଳ ସଙ୍କଟକୁ ଦୃଷ୍ଟିରେ ରଖି ପ୍ରମୁଖ ସଚିବ ସମଗ୍ର ଓଡ଼ିଶାର ପୌରସଂସ୍ଥାଗୁଡିକର ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓ ବିଶେଷକରି ଗ୍ରୀଷ୍ମ ମାସରେ ତୀବ୍ର ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଥିବା ସହରାଞ୍ଚଳଗୁଡିକୁ ଚିହ୍ନଟ କରି ପଦକ୍ଷେପ ଗ୍ରହଣକରିବାକୁ କହିଛନ୍ତି। ଭୁବନେଶ୍ୱର



ମହାନଗର ନିଗମ (ବିଏମସି) ଅଞ୍ଚଳରେ ଜଳ ଚାହିଦା ୩୦୪ ଏମଏଲଡି ଥିବା ବେଳେ ବର୍ତ୍ତମାନର ଯୋଗାଣ କ୍ଷମତା ୨୩୮.୫୦ ଏମଏଲଡି ରହିଛି, ଯାହା ଫଳରେ ଭୂତଳ ଜଳ ବ୍ୟବସ୍ଥା ମାଧ୍ୟମରେ ପରିଚାଳିତ ହେଉଥିବା ୬୫.୫୦ ଏମଏଲଡିର ବ୍ୟବଧାନକୁ ପୂରଣ କରାଯାଉଛି। ବର୍ତ୍ତମାନ ମୁଣ୍ଡୁଳି, ପଳାଶୁଣି, ଚନ୍ଦ୍ରଶେଖରପୁର, ନହରକଣ୍ଟା, ଭୁଆସୁଣିଠାରେ ଥିବା ୬ଟି ଜଳ ବିଶୋଧନ କେନ୍ଦ୍ର ମାଧ୍ୟମରେ ପାଣି ଯୋଗାଣ କରାଯାଉଛି ଏବଂ ମହାନଦୀ, କୁଆଖାଇ ଓ ଦୟା ନଦୀରୁ ପାଣି ଉଠାଉଥିବା ଉଚ୍ଚସ୍ତରୀୟ ଟାଙ୍କି ବ୍ୟବସ୍ଥା ରହିଛି। ଚାହିଦା-ଯୋଗାଣ ବ୍ୟବଧାନକୁ ଦୂର କରିବା ଏବଂ ଦୀର୍ଘକାଳୀନ ଆବଶ୍ୟକତା ପୂରଣ କରିବା ନିମନ୍ତେ ମୁଣ୍ଡୁଳିରେ ଏକ ୧୩୦ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟ ଆସନ୍ତା ଛଅ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ୨୦୨୮ ସୁଦ୍ଧା ନାହରକଣ୍ଟାରେ ଏକ ୨୦ ଏମଏଲଡି ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରାଯାଇଛି। ଆଗାମୀ ୫୦ ବର୍ଷ ପାଇଁ ସହରର ଜଳ ଚାହିଦା ପୂରଣ କରିବା ପାଇଁ ମୁଣ୍ଡୁଳିରୁ ମହାନଦୀ ୧୦୦୦ ଏମଏଲଡି ଜଳ ଉଠାଇବା ପାଇଁ ଜଳ ସମ୍ପଦ ବିଭାଗକୁ ଏକ ପ୍ରସ୍ତାବ ଦାଖଲ କରାଯିବ, ଯାହାକୁ ଦୁଇ ପର୍ଯ୍ୟାୟରେ ବିକଶିତ କରାଯିବ। ମୁଣ୍ଡୁଳି ଠାରେ ୧୩୦ ଏମଏଲଡି ବିଶୋଧନଗାର କାର୍ଯ୍ୟକ୍ଷମ ହେବା ପରେ ୱାଟକୋ ଭୁବନେଶ୍ୱର ସହରର ସମସ୍ତ ଆପାର୍ଟମେଣ୍ଟ ଏବଂ ପ୍ରତିଷ୍ଠାନକୁ ଜଳ ଯୋଗାଣ ସୁନିଶ୍ଚିତ କରିବାରେ ସକ୍ଷମ ହେବ, ଯାହା ସେବା ଯୋଗାଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ସୋମନାଥ ସ୍ୱାଭିମାନ ପର୍ବ – ୧୦୦୦ ବର୍ଷ

# (୧୦୨୬- ୨୦୨୬)ର ଏକ ଅତୁଟ ଆସ୍ଥା



ନରେନ୍ଦ୍ର ମୋଦୀ

ସୋମନାଥ... ଏହି ଶବ୍ଦଟିକୁ ଶୁଣିବା ମାତ୍ରେ ଆମମାନଙ୍କ ହୃଦୟ ଓ ମନରେ ଗର୍ବ ଏବଂ ଗୌରବର ଏକ ଭାବନା ଆପେ ଜାଗ୍ରତ ହୋଇଥାଏ। ଏହା ହେଉଛି ଭାରତର ଆତ୍ମାର ଶାଶ୍ୱତ ଆହ୍ୱାନ। ଏହି ଭବ୍ୟ ମନ୍ଦିର ଭାରତର ପଶ୍ଚିମ ତଟରେ ଗୁଜରାଟ ରାଜ୍ୟରେ ପ୍ରଭାସ ପତନ ନାମକ ସ୍ଥାନରେ ଅବସ୍ଥିତ। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ସ୍ତୋତ୍ରମରେ ସାରା ଭାରତରେ ଥିବା ୧୨ଗୋଟି ଜ୍ୟୋତିର୍ଲିଙ୍ଗଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ସ୍ତୋତ୍ର ଏପରି ଭାବରେ ଆରମ୍ଭ: 'ସୌରାଷ୍ଟ୍ରେ ସୋମନାଥଂ ଚ...' ଯାହା ଦେଶର ପ୍ରଥମ ଜ୍ୟୋତିର୍ଲିଙ୍ଗ ଭାବରେ ସୋମନାଥଙ୍କୁ ଆମ ସଭ୍ୟତା ତଥା ଆଧ୍ୟାତ୍ମିକ ସଂକେତ ଭାବରେ ଉପସ୍ଥାପନ କରେ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି:

ସୋମଲିଙ୍ଗଂ ନରୋ ଦୃଷ୍ଟ୍ୱା ସର୍ବପାପୈ ପ୍ରମୁଚ୍ୟତେ।

ଲଭତେ ଫଳଂ ମନୋବାଞ୍ଛିତଂ ମୃତଃ ସ୍ୱର୍ଗଂ ସମାଶ୍ରୟେତ୍।

ଏହାର ଅର୍ଥ ହେଉଛି: କେବଳ ସୋମନାଥ ଶିବଲିଙ୍ଗଙ୍କ ଦର୍ଶନ ମାତ୍ରେ ଜଣେ ବ୍ୟକ୍ତି ତା'ର ସକଳ ପାପରୁ ନିଶ୍ଚିତ ରୂପେ ମୁକ୍ତ ହୋଇଥାଏ ଏବଂ ଏଥି ସହିତ ତା'ର ମନର ସକଳ ସକାରାତ୍ମକ କାମନା ପୂର୍ଣ୍ଣ ହେବା ସହିତ ସେ ମୃତ୍ୟୁ ପରେ ସ୍ୱର୍ଗଲୋକ ପ୍ରାପ୍ତ ହୋଇଥାଏ।

କ୍ଷୋଭର କଥା, ଏହି ସୋମନାଥ, ଯାହାଙ୍କୁ କୋଟି କୋଟି ଶ୍ରଦ୍ଧାଳୁ ପ୍ରାଚୀନ କାଳରୁ ପୂଜାର୍ଚ୍ଚନା କରିଆସୁଥିଲେ, ଉପାସନା କରିଆସୁଥିଲେ, ତାହାକୁ ବିଦେଶାଗତ ଆକ୍ରମଣକାରୀମାନେ ଆକ୍ରମଣ କରିଥିଲେ, କାରଣ ସେମାନଙ୍କର ଉଦ୍ଦେଶ୍ୟ ଥିଲା ଏହାକୁ ଧ୍ୱଂସ କରିବା, କେବଳ ଏହି ମନ୍ଦିରର ଉପାସନାକୁ ବନ୍ଦ କରିବା ନୁହେଁ।

ସୋମନାଥ ମନ୍ଦିର ନିମନ୍ତେ ବର୍ଷ ୨୦୨୬ଟି ବିଶେଷ ମହତ୍ତ୍ୱ ବହନ କରେ। ଏହି ମହାନ ପୀଠ ଉପରେ ପ୍ରଥମ ଆକ୍ରମଣ ଘଟିବାର ୧୦୦୦ ବର୍ଷ ପୂରଣ ହୋଇଛି। ୧୦୨୬ ଖ୍ରୀଷ୍ଟାବ୍ଦର ଜାନୁଆରୀ ମାସରେ ଗଜନୀର ମାହମୁଦ ସୋମନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ ଏବଂ ଆସ୍ଥା ଓ ସଭ୍ୟତାର ଏହି ମହାନ ସଂକେତକୁ ଧ୍ୱଂସ କରିଦେବାକୁ ଚାହିଁଥିଲେ। ଏଥି ନିମନ୍ତେ ଯେତେ ରକ୍ତପାତ ଓ ବର୍ବର ଆକ୍ରମଣ କରାଯାଇପାରେ, ସେ ତାହା ଆପଣାଇଥିଲେ।

ତଥାପି, ଏହି ଘଟଣାର ଏକ ହଜାର ବର୍ଷ ପରେ ସୁଦ୍ଧା, ସେହି ମନ୍ଦିର ପୂର୍ବ ଗୌରବର ସହିତ ସେଠାରେ ଦଣ୍ଡାୟମାନ, କାରଣ ସୋମନାଥ ମନ୍ଦିରର ଭବ୍ୟତାକୁ ବଜାୟ ରଖିବା ସକାଶେ ଅତୀତରେ ଅସଂଖ୍ୟ ପୁନଃର୍ଗଠନ ପ୍ରୟାସ କରାଯାଇଆସିଛି । ଏଭଳି ଏକ ପ୍ରୟାସର ମାଇଲଖୁଣ୍ଟ ୨୦୨୬ ମସିହାରେ ୭୫ ବର୍ଷ ପୂରଣ କରୁଛି। ସେହିଭଳି ପ୍ରୟାସ ୧୯୫୧ ମସିହା ମେ ୧୧ ତାରିଖ ଦିନ ଏକ ଉତ୍ସବରେ ସଂପାଦନ କରାଯାଇଥିଲା ଏବଂ ତାହା ସଂପାଦନ କରାଯାଇଥିଲା ଭାରତର ତତ୍କାଳୀନ ମହାମହୀମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ। ସେଦିନ ଏହି ପୁନଃର୍ବିନ୍ୟାସକୃତ ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଖୋଲାଯାଇଥିଲା।

ସୋମନାଥ ମନ୍ଦିର ଉପରେ ପ୍ରଥମ ଆକ୍ରମଣ ଘଟିଥିଲା ୧୦୨୬ ଖ୍ରୀଷ୍ଟାବ୍ଦରେ। ସେତେବେଳେ ଏହି ନଗରୀର ଲୋକମାନଙ୍କ ଉପରେ ନିଷ୍ଠୁର ଆକ୍ରମଣ କରାଯାଇଥିଲା। ସେତେବେଳେ ଏହି ମନ୍ଦିରକୁ ଯେଉଁଭଳି ବୀଭତ୍ସ ଭାବରେ ଧ୍ୱଂସ କରାଯାଇଥିଲା ତାହାର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ଐତିହାସିକ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି। ଆପଣମାନେ ତାହା ପଢ଼ିଲେ, ଛାତି ଥରିଉଠେ। ଏହାର ପ୍ରତ୍ୟେକ ଧାଡ଼ିରେ ଦୁଃଖ, କ୍ରୂରତା ଭରି ରହିଛି ଏବଂ ଏହି ଦୁଃଖ ସମୟ ସହିତ କେବେ ପ୍ରଶମିତ ହୋଇଯାଇନାହିଁ।

ଆପଣମାନେ କଳ୍ପନା କରି ପାରିବେ ଯେ ଭାରତ ଉପରେ ଏହା କି ପ୍ରକାର ପ୍ରଭାବ ପକାଇଥିଲା ଏବଂ ଲୋକମାନଙ୍କ ଭାବନାକୁ କେତେ ଆଘାତ ଦେଇଥିଲା। କାହିଁକି ନା, ସୋମନାଥ ସେମାନଙ୍କ ପାଇଁ ଅଚିନ୍ତନୀୟ ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରେ। ଏହି ତଟ ମଧ୍ୟ ସମାଜକୁ ପର୍ଯ୍ୟାପ୍ତ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଆସୁଥିଲା। ଏହି ସମୁଦ୍ର ଦେଇ ବଣିକମାନେ, ନାବିକମାନେ ଭାରତର ଭବ୍ୟ ଗାଥାକୁ ଦୂର ଦୂରାନ୍ତକୁ ବହନ କରି ନେଉଥିଲେ।

ତଥାପି, ମୁଁ ଗର୍ବର ସହିତ ଏବଂ ବିନା ଦ୍ୱିଧାରେ ଏକଥା କହିବାକୁ ଚାହେଁ ଯେ ସୋମନାଥଙ୍କ ଗାଥା, ଏହା ଉପରେ ବିଦେଶୀ ଲୁଣ୍ଠନକାରୀଙ୍କ ଆକ୍ରମଣର ଏକ ହଜାର ବିତି ସାରିଥିଲେ ସୁଦ୍ଧା, ସେହି ଧ୍ୱଂସ ଦ୍ୱାରା ସଂଜ୍ଞା ନିରୂପିତ ହୁଏନାହିଁ। ଭାରତ ମାତାଙ୍କ କୋଟି କୋଟି ସନ୍ତାନଙ୍କ ଅତୁଟ ସାହସ ଦ୍ୱାରା ହିଁ ଏହାର ସଂଜ୍ଞା ନିରୂପିତ।

ଏହି ମଧ୍ୟଯୁଗୀୟ ବର୍ବରତା ଯାହା ଆଜକୁ ହଜାର ବର୍ଷ ପୂର୍ବେ ୧୦୨୬ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା, ତାହା ଅନ୍ୟମାନଙ୍କୁ ସୋମନାଥ ମନ୍ଦିର ଉପରେ ଅନ୍ୟେମାନଙ୍କୁ ବାରମ୍ବାର ଆକ୍ରମଣ କରିବାକୁ 'ପ୍ରେରଣା' ଯୋଗାଇଥିଲା । ଆମର ଜନସାଧାରଣ ଏବଂ ଏହାର ସଂସ୍କୃତିକୁ ଦାସତ୍ୱର ବେଡ଼ିରେ ବାନ୍ଧି ରଖିବା ନିମନ୍ତେ ଏହା ଥିଲା ପ୍ରଥମ ପ୍ରୟାସ। ପ୍ରତ୍ୟେକ ଥର ଏହି ମନ୍ଦିର ଉପରେ ହେଉଥିବା ଆକ୍ରମଣ ବେଳେ, ଆମମାନଙ୍କ ନିକଟରେ ଏହାକୁ ବିରୋଧ କରିବା ଏବଂ ସୁରକ୍ଷା ପ୍ରଦାନ କରିବା ସକାଶେ ମହାନ ବୀର ଓ ବୀରାଙ୍ଗନାମାନେ ଉପଲବ୍ଧ ଥିଲେ ଏବଂ ପ୍ରତ୍ୟେକ ଥର, ପିଢ଼ି ପରେ ପିଢ଼ି, ଆମର ଏହି ମହାନ ସଭ୍ୟତାର ଲୋକମାନେ, ନିଜକୁ ସେଭଳି ଆକ୍ରାନ୍ତାମାନଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ ଏବଂ ଧ୍ୱଂସ ମନ୍ଦିରକୁ ପୁନର୍ବାର ଭବ୍ୟତାର ସହିତ ପୁନଃନିର୍ମାଣ ପୂର୍ବକ ଠିଆ କରାଇଥିଲେ। ଏହା ଆମମାନଙ୍କର ପରମ ସୌଭାଗ୍ୟ ଯେ ଅହଲ୍ୟାବାଈ ହୋଲକାରଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱ ଯେଉଁ ଭୂମିରେ ଜନ୍ମ ଗ୍ରହଣ କରିଥିଲେ ଆମେ ସେହି ଭୂମିରେ ଭୂମିଷ୍ଠ ହୋଇଛେ। ଅହଲ୍ୟାବାଈ ହୋଲକାର ସୋମନାଥ ମନ୍ଦିରର ପୁନଃନିର୍ମାଣ ନିମନ୍ତେ ଯେଉଁ ଆଦର୍ଶ ପ୍ରୟାସ କରିଥିଲେ ତାହା ପ୍ରଶଂସନୀୟ ଯାହା ଫଳରେ ଶ୍ରଦ୍ଧାଳୁମାନେ ପୁନର୍ବାର ମନ୍ଦିରରେ ପୂଜାର୍ଚ୍ଚନା କରିପାରିଥିଲେ।

୧୮୯୦ ଦଶକରେ ସ୍ୱାମୀ ବିବେକାନନ୍ଦ ସୋମନାଥ ମନ୍ଦିର ପରିଦର୍ଶନ କରିଥିଲେ ଏବଂ ତାହା ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ସେ ତାଙ୍କର ସେହି ଅନୁଭବକୁ ୧୮୯୭ ମସିହାରେ ଚେନ୍ନାଇଠାରେ ପ୍ରଦାନ କରିଥିବା ଏକ ଭାଷଣରେ ପ୍ରଦାନ କରି କରିଥିଲେ। ସେ କହିଥିଲେ, 'ଦକ୍ଷିଣ ଭାରତର କେତେକ ପ୍ରାଚୀନ ମନ୍ଦିର ଏବଂ ଗୁଜରାଟର ସୋମନାଥ ଭଳି ମନ୍ଦିର ଆମମାନଙ୍କୁ ଜ୍ଞାନର ବିପୁଳ ଶିକ୍ଷା ପ୍ରଦାନ କରେ। ସେହିସବୁ ମନ୍ଦିରମାନେ ଆମମାନଙ୍କୁ ମାନବ ଜାତିର ପ୍ରାଚୀନ ଇତିହାସ ମଧ୍ୟକୁ ଗଭୀର ଭାବରେ ଅନ୍ତର୍କ୍ଷେପଣ ନିମନ୍ତେ ପ୍ରେରିତ କରେ ଯାହା ଆମେ କୌଣସି ଗ୍ରନ୍ଥରୁ କେବେ ପାଇପାରିବା ନାହିଁ। ଲକ୍ଷ୍ୟ କରିବା କଥା ଯେ ସେହିସବୁ ମନ୍ଦିରଗୁଡ଼ିକ କିପରି ଏଭଳି ଆକ୍ରାନ୍ତାମାନଙ୍କ ହଜାର ହଜାର ଆକ୍ରମଣର ସ୍ୱାକ୍ଷର ନିଜ ବକ୍ଷରେ ବହନ କରି ରଖିଛନ୍ତି ଏବଂ ଶହ ଶହ ପିଢ଼ି ଧରି ତାହା ଜାରି ରହିଛି। ସେମାନେ ନିରବଚ୍ଛିନ୍ନ ଭାବରେ ଏହାକୁ ଧ୍ୱଂସ କରିଚାଲିଥିଲେ ଏବଂ ସେହି ଧ୍ୱଂସ ସ୍ତୂପ ଭିତରୁ ତାହା ପୁଣି ଥରେ ମୁଣ୍ଡ ଟେକିଥାଏ, ପୁନର୍ଜାଗରିତ ହୋଇ ଆହୁରି ମଜଭୁତ ହୋଇଥାଏ ! ଏହା ହେଉଛି ଜାତୀୟ ମାନସିକତା, ତାହା ହିଁ ହେଉଛି ରାଷ୍ଟ୍ରୀୟ ଜୀବନ ସ୍ରୋତ। ଏହାକୁ ଅନୁସରଣ କରନ୍ତୁ ଏବଂ ଏହା ଆମକୁ ମହିମାମଣ୍ଡିତ କରିବା ଆଡ଼କୁ ଆଗେଇନିଏ। ଏହାକୁ ତ୍ୟାଗ କରନ୍ତୁ ଏବଂ ଦେଖିବେ, ତୁମର ବିନାଶ ଘଟିବ। ମୃତ୍ୟୁ ହେଉଛି ଏହାର ଏକମାତ୍ର ପରିଣାମ। ବିନାଶ, ଏହାର ଏକମାତ୍ର ପରିଣାମ- ଯେଉଁ ମୁହୂର୍ତ୍ତରେ ସେହି ଜୀବନ ସ୍ରୋତରୁ ତୁମେ ଦୂରେଇଯିବ।'



ଦେଶ ସ୍ୱାଧୀନତା ଲାଭ କରିବା ପରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ପବିତ୍ର କାର୍ଯ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ସଂପାଦିତ ହୋଇଥିଲା। ୧୯୪୭ ମସିହାରେ ସେ ଦୀପାବଳୀ ସମୟରେ ଯେତେବେଳେ ସେହି ମନ୍ଦିରକୁ ଏକତା ଦର୍ଶନ ପାଇଁ ଯାଇଥିଲେ ଏହାର ଧ୍ୱଂସାବଶେଷ ଦେଖି ସେ ଏତେ ମାତ୍ରାରେ ମ୍ରିୟମାଣ ହୋଇ ପଡ଼ିଥିଲେ ଯେ ସେ ସେହିଠାରେ ଘୋଷଣା କରିଥିଲେ ଯେ ଏହି ମନ୍ଦିରର ପୁନଃନିର୍ମାଣ କରାଯିବ। ପରିଶେଷରେ, ୧୯୫୧ ମସିହା ମେ ୧୧ ତାରିଖ ଦିନ, ସେହିଠାରେ ଭବ୍ୟ ସୋମନାଥ ମନ୍ଦିର ଉନ୍ମୋଚିତ ନିର୍ମିତ ହୋଇ ଏହାର ଦ୍ୱାର ଶ୍ରଦ୍ଧାଳୁମାନଙ୍କ ପାଇଁ ଉନ୍ମୋଚିତ ହୋଇଥିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ସେହି ଅବସରରେ ସେଠାରେ ଉପସ୍ଥିତ ଥିଲେ। ମହାନ୍ ସର୍ଦ୍ଦାର ସାହେବ ସେହି ଐତିହାସିକ ଦିନର ଅବସରକୁ ଦେଖିବା ସକାଶେ ସେତେବେଳକୁ ଜୀବିତ ନଥିଲେ, କିନ୍ତୁ ତାଙ୍କ ସ୍ୱପ୍ନ ସାକାରିତ ହୋଇ ରାଷ୍ଟ୍ର ସମ୍ମୁଖରେ ସଗର୍ବେ ଦଣ୍ଡାୟମାନ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ଏଭଳି ଘଟଣାକ୍ରମରେ ବିଶେଷ ଖୁସି ନଥିଲେ। ସେ ଚାହୁଁ ନଥିଲେ ଯେ ମାନ୍ୟବର ରାଷ୍ଟ୍ରପତି ତଥା ଅନ୍ୟ ମନ୍ତ୍ରୀଗଣ ଏଭଳି ବିଶେଷ କାର୍ଯ୍ୟକ୍ରମ ସହିତ ଜଡ଼ିତ ହୁଅନ୍ତୁ। ସେ ମତ ପୋଷଣ କରିଥିଲେ ଯେ ଏହା ଭାରତ ସମ୍ପର୍କରେ ଏକ ଖରାପ ଧାରଣା ସୃଷ୍ଟି କରିବ। କିନ୍ତୁ ଡକ୍ଟର ରାଜେନ୍ଦ୍ର ପ୍ରସାଦ ଦୃଢ଼ ଭାବରେ ନିଜ ସିଦ୍ଧାନ୍ତରେ ଅଟଳ ରହିଥିଲେ ଏବଂ ଯାହା ଘଟିଥିଲା, ତାହା ଆଜି ଇତିହାସ। କେ.ଏମ. ମୁନସୀଙ୍କ ପ୍ରୟାସ ବିନା ସୋମନାଥ ମନ୍ଦିର ସମ୍ପର୍କୀତ କୌଣସି ପ୍ରସଙ୍ଗ କଦାପି ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯାଇ ପାରିବନାହିଁ। ସେ ସକ୍ରିୟତାର ସହିତ ସର୍ଦ୍ଦାର ପଟେଲଙ୍କୁ ସମର୍ଥନ ଜ୍ଞାପନ କରିଥିଲେ। ସୋମନାଥଙ୍କ ସମ୍ପର୍କୀତ ତାଙ୍କର ରଚନାବଳୀ, ଏଥିରେ 'ସୋମନାଥ: ଶାଶ୍ୱତ ଧାମ' ପୁସ୍ତକ ସାମିଲ, ଅତୀମ ସୂଚନାଧର୍ମୀ ଏବଂ ଶିକ୍ଷଣୀୟ।

ମୁନସୀଜୀଙ୍କ ଏହି ପୁସ୍ତକର ନାମ ହିଁ ଆମମାନଙ୍କୁ ଏହା ସୂଚାଏ ଯେ ଆମେ ଏଭଳି ଏକ ସଭ୍ୟତା ଯାହା ଏକ ଶାଶ୍ୱତ ଚିନ୍ତାଧାରା ଏବଂ ବିଚାରବୋଧ ସଦାବେଳେ ଧାରଣ କରିଆସିଛୁ। ଆମେ ଏକଥା ଦୃଢ଼ତାର ସହିତ ବିଶ୍ୱାସ କରୁ ଯେ ଯାହା ଶାଶ୍ୱତ ତାହା କଦାପି କ୍ଷୟଶୀଳ ନୁହେଁ। ଏହା ଆମର ପ୍ରସିଦ୍ଧ ଗୀତା ଗ୍ରନ୍ଥରେ ମଧ୍ୟ ବର୍ଣ୍ଣିତ ରହିଛି: 'ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି...'। ଆମ ସଭ୍ୟତାର ଅଦମ୍ୟ ଭାବନା ସମ୍ପର୍କରେ ସୋମନାଥ ବ୍ୟତୀତ ଅନ୍ୟ କୌଣସି ଉତ୍ତମ ଉଦାହରଣ ଦିଆଯାଇ ପାରିବନାହିଁ, ଯାହା ବର୍ତ୍ତମାନ ସୁଦ୍ଧା ଗୌରବର ସହିତ, ସକଳ ପ୍ରକାର ପ୍ରତିକୂଳ ଶକ୍ତିଙ୍କ ପ୍ରଭାବ ଓ ସଂଘର୍ଷ ସତ୍ତ୍ୱେ ଦଣ୍ଡାୟମାନ ରହିଛି।

ସେହି ମାନସିକତା ହିଁ ଆମ ରାଷ୍ଟ୍ରର ପରିକଳ୍ପନାରେ ଜଳଜଳ ହୋଇ ଦୃଶ୍ୟମାନ। ଏହା ବୈଶ୍ୱିକ ବିକାଶର ଉଜ୍ଜ୍ୱଳତମ ବିନ୍ଦୁ ଭାବରେ ବିଦ୍ୟମାନ। ଏହା ଶତାବ୍ଦୀ ଶତାବ୍ଦୀ ଧରି ଆକ୍ରମଣ ଏବଂ ଉପନିବେଶବାଦୀ ଲୁଣ୍ଠନର ଶିକାର ହୋଇ ସୁଦ୍ଧା ନିଜକୁ ଅତୁଟ ରଖିପାରିଛି। ଏହା ଆମର ମୂଲ୍ୟବୋଧ ଧାରା ଏବଂ ଜନସାଧାରଣଙ୍କ ପ୍ରତିବଦ୍ଧତା ଯାହା ଆଜି ଭାରତକୁ ବୈଶ୍ୱିକ ଧ୍ୟାନର କେନ୍ଦ୍ରବିନ୍ଦୁରେ ପରିଣତ କରିଛି। ବିଶ୍ୱ ଆଜି ଆଶା ଓ ସକାରାତ୍ମକ ଭାବନାର ସହିତ ଭାରତକୁ ଦେଖୁଛି। ସେମାନେ ଭାରତର ନବାଚାରଧର୍ମୀ ଯୁବଗୋଷ୍ଠୀଙ୍କ ଉପରେ ପୁଂଜି ନିବେଶ କରିବାକୁ ଆଗ୍ରହୀ। ଆମର କଳା, ସଂସ୍କୃତି, ସଙ୍ଗୀତ ଏବଂ ଅସୁମାରି ଉତ୍ସବ ଦିନକୁ ଦିନ ବୈଶ୍ୱିକ ହେବାରେ ଲାଗିଛି। ଯୋଗ ଓ ଆୟୁର୍ବେଦ ବିଶ୍ୱବ୍ୟାପୀ ପ୍ରଭାବ ବିସ୍ତାର କରିଚାଲିଛି ଏବଂ ନିରାମୟ ଜୀବନ ଧାରଣକୁ ଶକ୍ତି ଯୋଗାଉଛି। ସବୁଠାରୁ କେତେଗୋଟି ଜଟିଳ ବୈଶ୍ୱିକ ଚାଲେଞ୍ଜର ସମାଧାନ ଭାରତରୁ ହିଁ ଆସିପାରିଛି।

କାହିଁ କେଉଁ ଅସୁମାରି ଅତୀତ ଠାରୁ ସୋମନାଥ ବିଭିନ୍ନ ବର୍ଗର ଲୋକମାନଙ୍କୁ ଏକତ୍ରିତ କରିଛି । ଆଜକୁ ଶହ ଶହ ବର୍ଷ ପୂର୍ବେ, କଳିକାଳ ସର୍ବାଙ୍ଗ ହେମଚନ୍ଦ୍ରାଚାର୍ଯ୍ୟ ନାମକ ଜନୈକ ଜୈନ ମୁନି, ସୋମନାଥ ମନ୍ଦିରକୁ ଆସିଥିଲେ। କୁହାଯାଏ ଯେ ସେଠାରେ ପ୍ରାର୍ଥନା କରିବା ପରେ, ସେ ଗାନ କରିଥିଲେ, 'ଭବବୀଜାଙ୍କୁଜନନାରାଗାଦ୍ୟାଃ କ୍ଷୟମୁପଗତା ଯସ୍ୟ'। ଏହାର ଅର୍ଥ ହେଲା – ସେହି ଶକ୍ତିଙ୍କୁ ନମସ୍କାର ଯାହାଙ୍କୁ ଦର୍ଶନ ମାତ୍ରେ ସକଳ ପ୍ରକାର ଜାଗତିକ ବୀଜର ବିନାଶ ଘଟେ, ଯାହାଙ୍କ କରୁଣାରୁ ସକଳ ପ୍ରକାର ସାଂସାରିକ ବନ୍ଧନ ଓ ଲୋଭ ମନରୁ ଉଭେଇଯାଏ।' ଆଜି ସୁଦ୍ଧା, ସୋମନାଥ ସେହି ସାମର୍ଥ୍ୟକୁ ବହନ କରିଛି ଏବଂ ଆମମାନଙ୍କ ମନ ଓ ଆତ୍ମା ଭିତରେ ଏକ ଦିବ୍ୟ ଓ ବିରାଟ ଜାଗରଣ ସୃଷ୍ଟି କରୁଛି।

୧୦୨୬ ଖ୍ରୀଷ୍ଟାବ୍ଦର ସେହି ପ୍ରଥମ ଆକ୍ରମଣର ଏକ ହଜାର ବର୍ଷ ପରେ, ସୋମାନଥର ସମୁଦ୍ର ତଥାପି ସେହିଭଳି ସ୍ୱରରେ ଉଦଘୋଷଣା କରୁଛି ଯାହା ଅତୀତରେ କରିଆସୁଥିଲା। ଯେଉଁ ଢେଉ ଆସି ସୋମନାଥଙ୍କ ପାଦରେ ମଥା ପିଟୁଛି, ତାହା ସେହି ଗୋଟିଏ କାହାଣୀ ହିଁ ବଖାଣୁଛି। ଯାହା ହେଉ ନା କାହିଁକି, ସେହି ଢେଉ ଭଳି ତାହା ବାରମ୍ବାର ମଥା ପିଟି ଚାଲିଛି, ସଙ୍ଗୀତ ଗାନ କରିଚାଲିଛି।

ଅତୀତର ସେହିସବୁ ଆକ୍ରାନ୍ତାମାନେ ବର୍ତ୍ତମାନ ସମୟର ପବନରେ କାହିଁ ରେଣୁ ଭାବରେ କୁଆଡ଼େ ହଜି ଯାଇଛନ୍ତି, ସେମାନଙ୍କର ନାମ କେବଳ ଧ୍ୱଂସ ସହିତ ତୁଳନୀୟ। ଇତିହାସର ପାଦଟୀକାରେ ହିଁ ସେମାନେ ରହିଯାଇଛନ୍ତି, ଯଦ୍ୟପି ସୋମନାଥ ସେହିଭଳି ଉଜ୍ଜ୍ୱଳ, ଦୀପ୍ତୀମାନ ହୋଇ ଦୂର ଦିଗବଳୟ ପର୍ଯ୍ୟନ୍ତ ସବୁକିଛି ଆଲୋକିତ କରୁଛି । ତାହା ଆମମାନଙ୍କୁ ସେହି ଶାଶ୍ୱତ ଭାବନାକୁ ସ୍ମରଣ କରାଇ ଦେଉଛି ଯେ ୧୦୨୬ର ଆକ୍ରମଣ ସତ୍ତ୍ୱେ ଆମର ଭାବନା ସେହିଭଳି ଅତୁଟ ରହିଛି ଏବଂ ରହିଥିବ। ସୋମନାଥ ହେଉଛି ଆଶାର ସଙ୍ଗୀତ ଯାହା ଆମକୁ ସୂଚାଏ ଯେ ଘୃଣା ଏବଂ ଧର୍ମାନ୍ଧତା ନିକଟରେ ସାମୟିକ ଶକ୍ତି ଥାଇପାରେ, କିନ୍ତୁ ଆସ୍ଥା ଓ ବିଶ୍ୱାସ ନିକଟରେ ଥିବା ସୁସାମର୍ଥ୍ୟ ହେଉଛି ସେହି ଶାଶ୍ୱତ ଶକ୍ତି ଯାହା ଅନନ୍ତକାଳ ପର୍ଯ୍ୟନ୍ତ ଉଜ୍ଜୀବିତ ରହିଥିବ।

ଯଦି ସୋମନାଥ ମନ୍ଦିର, ଯାହା ଆଜକୁ ଏକ ହଜାର ବର୍ଷ ପୂର୍ବେ ଏକଦା ଆକ୍ରମଣର ଶିକାର ହୋଇଥିଲା ଏବଂ ଏହା ପରେ ବାରମ୍ବାର ଆକ୍ରମଣକୁ ଅଙ୍ଗେ ନିଭାଇଥିଲା, ତାହା ଯଦି ପୁଣି ଥରେ ମୁଣ୍ଡ ଟେକି ଠିଆ ହୋଇପାରେ, ତେବେ ଆମେମାନେ ଆମର ମହାନ ରାଷ୍ଟ୍ରକୁ ମଧ୍ୟ ଗୌରବଶାଳୀ କରି ପୁଣି ଥରେ ଠିଆ କରାଇ ପାରିବା, ଯାହା ଆଜକୁ ହଜାର ହଜାର ବର୍ଷ ପୂର୍ବେ ଆମଠାରେ ଥିଲା। ଶ୍ରୀ ସୋମନାଥ ମହାଦେବଙ୍କ ଆଶୀର୍ବାଦ ସହିତ, ଆମେ ଆଗକୁ ପୁନଃସଂକଳ୍ପର ସହିତ ଅଗ୍ରସର ହେବା ଏବଂ ବିକଶିତ ଭାରତ ନିର୍ମାଣ କରିବା, ଯେଉଁଠାରେ ଆମ ସଭ୍ୟତାର ପ୍ରଜ୍ଞା ଆମକୁ ମାର୍ଗ ପ୍ରଦର୍ଶନ କରିବ ଏବଂ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ସହାୟକ ହେବ।

**ଜୟ ସୋମନାଥ !**

*(ନରେନ୍ଦ୍ର ମୋଦୀ, ଭାରତର ପ୍ରଧାନମନ୍ତ୍ରୀ ଏବଂ ଶ୍ରୀ ସୋମନାଥ ଟ୍ରଷ୍ଟର ଅଧ୍ୟକ୍ଷ)*

# ଡାର୍କ ଏନର୍ଜି: ବ୍ରହ୍ମାଣ୍ଡର ଭାଗ୍ୟକୁ ଗଠନ କରୁଥିବା ଅଦୃଶ୍ୟ ଶକ୍ତି



ଲୋକନାଥ ପାତ୍ର

ସାମ୍ପ୍ରତିକ ସପ୍ତାହଗୁଡ଼ିକରେ, ବିସ୍ତାରିତ ବ୍ରହ୍ମାଣ୍ଡ ଉପରେ ନୂତନ ଅନ୍ତର୍ଜାତୀୟ ବୈଜ୍ଞାନିକ ଆଲୋଚନା ଏବଂ ପର୍ଯ୍ୟବେକ୍ଷଣ ପରେ ଡାର୍କ ଏନର୍ଜି ପୁଣି ଥରେ ସାଧାରଣ ଆଲୋଚନାରେ ପ୍ରବେଶ କରିଛି। ଯଦିଓ ଅଦୃଶ୍ୟ ଏବଂ ଏପର୍ଯ୍ୟନ୍ତ ଖରାପ ଭାବରେ ବୁଝାପଡ଼ିଛି, ତଥାପି ଡାର୍କ ଏନର୍ଜିକୁ ବର୍ତ୍ତମାନ ବ୍ରହ୍ମାଣ୍ଡକୁ ପରିଚାଳନା କରୁଥିବା ସବୁଠାରୁ ଶକ୍ତିଶାଳୀ ଶକ୍ତି ମଧ୍ୟରୁ ଗୋଟିଏ ଭାବରେ ବିବେଚନା କରାଯାଏ - ଏବଂ ସମ୍ଭାବ୍ୟ ଭାବରେ ଏହାର ଚୂଡ଼ାନ୍ତ ଭାଗ୍ୟ।

ଡାର୍କ ଏନର୍ଜିର ଆବିଷ୍କାର: ଏକ ବୈଜ୍ଞାନିକ ମୋଡ଼

ଡାର୍କ ଏନର୍ଜି ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ମାଧ୍ୟମରେ ଆବିଷ୍କୃତ ହୋଇନଥିଲା ବରଂ ଜ୍ୟୋତିର୍ବିଜ୍ଞାନ ମାପ ମାଧ୍ୟମରେ ଅନୁମାନ କରାଯାଇଥିଲା। ୧୯୯୮ ମସିହାରେ, ଦୁଇଟି ସ୍ୱାଧୀନ ଗବେଷଣା ଦଳ - ସାଉଲ୍ ପର୍ଲମୁଟରଙ୍କ ନେତୃତ୍ୱରେ ସୁପରନୋଭା କସ୍ମୋଲୋଜି ପ୍ରୋଜେକ୍ଟ ଏବଂ ବ୍ରାଏନ୍ ସ୍ମିଡ୍ଟ ଏବଂ ଆଡାମ ରିଏସ୍‌ଙ୍କ ନେତୃତ୍ୱରେ ହାଇ-ଜେଡ୍ ସୁପରନୋଭା ସନ୍ଧାନ ଦଳ - ଦୂର ଟାଇପ୍ ଲା ସୁପରନୋଭା ଅଧ୍ୟୟନ କରିବା ସମୟରେ ଏକ ଆଶ୍ଚର୍ଯ୍ୟଜନକ ଆବିଷ୍କାର କରିଥିଲେ। ମାଧ୍ୟାକର୍ଷଣ ଯୋଗୁଁ ବ୍ରହ୍ମାଣ୍ଡର ବିସ୍ତାର ଧୀର ହେବା ଉଚିତ ବୋଲି ଦୀର୍ଘ ଦିନ ଧରି ଧରି ରହିଥିବା ଧାରଣାର ବିପରୀତ, ସେମାନଙ୍କର ପର୍ଯ୍ୟବେକ୍ଷଣ ପ୍ରକାଶ କରିଥିଲା ଯେ ବ୍ରହ୍ମାଣ୍ଡର ବିସ୍ତାର ତ୍ୱରାନ୍ୱିତ ହେଉଛି।

ଏହି ଅପ୍ରତ୍ୟାଶିତ ଫଳାଫଳ ମାଧ୍ୟାକର୍ଷଣକୁ ବିରୋଧ କରୁଥିବା ଏକ ରହସ୍ୟମୟ, ବିକର୍ଷକ ଶକ୍ତିର ଅସ୍ତିତ୍ୱକୁ ସୂଚିତ କରିଥିଲା। ଏହି ବଳକୁ ପରେ ଡାର୍କ ଏନର୍ଜି ବୋଲି କୁହାଯାଉଥିଲା। ଏହି ଯୁଗାନ୍ତକାରୀ କାର୍ଯ୍ୟ ପାଇଁ, ଏହି ତିନି ବୈଜ୍ଞାନିକଙ୍କୁ ୨୦୧୧ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି, ବିଶ୍ୱବିଜ୍ଞାନୀମାନେ ଆକଳନ କରନ୍ତି ଯେ ଡାର୍କ ଏନର୍ଜି ବ୍ରହ୍ମାଣ୍ଡର ମୋଟ ଶକ୍ତି ପରିମାଣର ପ୍ରାୟ ୬୮%, ସାଧାରଣ ପଦାର୍ଥ ଏବଂ ଏପରିକି ଅନ୍ଧକାର ପଦାର୍ଥକୁ ଛୋଟ କରିଦିଏ।

ଡାର୍କ ଏନର୍ଜି କ'ଣ ?

ଦଶନ୍ଧି ଧରି ଗବେଷଣା ସତ୍ତ୍ୱେ, ଡାର୍କ ଏନର୍ଜି ଆଧୁନିକ ପଦାର୍ଥ ବିଜ୍ଞାନର ସବୁଠାରୁ ବଡ଼ ରହସ୍ୟ ମଧ୍ୟରୁ ଗୋଟିଏ ଅଟେ। ଏହା ଆଲୋକ ନିର୍ଗତ କରେ ନାହିଁ, ସିଧାସଳଖ ଚିହ୍ନଟ କରାଯାଇପାରିବ ନାହିଁ, ଏବଂ ପାରମ୍ପରିକ ଉପାୟରେ ପଦାର୍ଥ ସହିତ ପାରସ୍ପରିକ କ୍ରିୟା କରେ ନାହିଁ। ସବୁଠାରୁ ବ୍ୟାପକ ଭାବରେ ଗ୍ରହଣୀୟ ବ୍ୟାଖ୍ୟା ଡାର୍କ ଏନର୍ଜିକୁ ଆଇନଷ୍ଟାଇନଙ୍କ ବିଶ୍ୱତତ୍ତ୍ୱିକ ସ୍ଥିରାଙ୍କ ସହିତ ସଂଯୋଗ କରେ, ଯାହା ଖାଲି ସ୍ଥାନରେ ଅନ୍ତର୍ନିହିତ ଶକ୍ତିକୁ ପ୍ରତିନିଧିତ୍ୱ କରେ। ଅନ୍ୟାନ୍ୟ ତତ୍ତ୍ୱ ଗତିଶୀଳ କ୍ଷେତ୍ର କିମ୍ବା ଗୁରୁତ୍ୱାକର୍ଷଣରେ ପରିବର୍ତ୍ତନ ସୂଚାଇଥାଏ, କିନ୍ତୁ କୌଣସି ଗୋଟିଏ ମଡେଲ ଏପର୍ଯ୍ୟନ୍ତ ନିର୍ଣ୍ଣାୟକ ଭାବରେ ପ୍ରମାଣିତ ହୋଇନାହିଁ।

ପୃଥିବୀ ଉପରେ ପ୍ରଭାବ: ପରୋକ୍ଷ କିନ୍ତୁ ଗଭୀର

ବର୍ତ୍ତମାନ, ଡାର୍କ ଏନର୍ଜିର ପୃଥିବୀ କିମ୍ବା ଦୈନନ୍ଦିନ ଜୀବନ ଉପରେ କୌଣସି ପ୍ରତ୍ୟକ୍ଷ କିମ୍ବା ତୁରନ୍ତ ପ୍ରଭାବ ନାହିଁ। ଏହାର ପ୍ରଭାବ କେବଳ ବିଶାଳ, ବିଶ୍ୱତତ୍ତ୍ୱିକ ମାପରେ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ଆକାଶଗଙ୍ଗା, ସୌରମଣ୍ଡଳ ଏବଂ ଗ୍ରହଗୁଡ଼ିକୁ ବାନ୍ଧି ରଖିଥିବା ଗୁରୁତ୍ୱାକର୍ଷଣ ଶକ୍ତି – ପୃଥିବୀ ସମେତ – ଅନ୍ଧକାର ଶକ୍ତିର ବିସ୍ତାରିତ ଚାପ ଅପେକ୍ଷା ସ୍ଥାନୀୟ ଭାବରେ ବହୁତ ଶକ୍ତିଶାଳୀ।

ତଥାପି, ବ୍ରହ୍ମାଣ୍ଡ ଉପରେ ଏହାର ଦୀର୍ଘକାଳୀନ ପ୍ରଭାବ ଅନିବାର୍ଯ୍ୟ ଭାବରେ ପୃଥିବୀ ବିଦ୍ୟମାନ ଥିବା ମହାଜାଗତିକ ପରିବେଶକୁ ଆକାର ଦିଏ। ତେଣୁ ଡାର୍କ ଏନର୍ଜିକୁ ବୁଝିବା କ୍ଷଣସ୍ଥାୟୀ ବଞ୍ଚିବା ପାଇଁ ନୁହେଁ, ବରଂ ବ୍ରହ୍ମାଣ୍ଡର ଭବିଷ୍ୟତକୁ ବୁଝିବା ପାଇଁ ଗୁରୁତ୍ୱପୂର୍ଣ୍ଣ।

ବ୍ରହ୍ମାଣ୍ଡର ଭାଗ୍ୟ: ବିଗ୍ ଫ୍ରିଜ୍, ବିଗ୍ କ୍ରଞ୍ଚ, କିମ୍ବା ତା'ଠାରୁ ଆଗକୁ ?

ଡାର୍କ ଏନର୍ଜି କିପରି ଶେଷରେ ବ୍ରହ୍ମାଣ୍ଡର ଅନ୍ତ ହୋଇପାରେ ତାହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରେ। ବର୍ତ୍ତମାନ ଅନେକ ପରିସ୍ଥିତି ଉପରେ ବିତର୍କ ହେଉଛି:

ବିଗ୍ ଫ୍ରିଜ୍ (ତାପ ମୃତ୍ୟୁ)

ଯଦି ଡାର୍କ ଏନର୍ଜି ଅନିର୍ଦ୍ଦିଷ୍ଟ କାଳ ପାଇଁ ତ୍ୱରାନ୍ୱିତ ପ୍ରସାରଣକୁ ଚଳାଇ ରଖେ, ତେବେ ଛାୟାପଥଗୁଡ଼ିକ ଆହୁରି ଦୂରେଇ ଯିବେ, ତାରାମାନେ ସେମାନଙ୍କର ଇନ୍ଧନ ନିଷ୍କାସନ କରିବେ, ଏବଂ ବ୍ରହ୍ମାଣ୍ଡ ଧୀରେ ଧୀରେ ଥଣ୍ଡା, ଅନ୍ଧକାର ଏବଂ ନିର୍ଜୀବ ହୋଇଯିବ। ଏହା ବର୍ତ୍ତମାନର ପର୍ଯ୍ୟବେକ୍ଷଣ ଅନୁଯାୟୀ ସବୁଠାରୁ ବ୍ୟାପକ ଭାବରେ ସମର୍ଥିତ ପରିସ୍ଥିତି।

ବିଗ୍ କ୍ରଞ୍ଚ

ଯଦି ଡାର୍କ ଏନର୍ଜି ଦୁର୍ବଳ ହୁଏ କିମ୍ବା ଓଲଟା ହୁଏ, ତେବେ ଗୁରୁତ୍ୱାକର୍ଷଣ ଶେଷରେ ପ୍ରସାରଣକୁ ବନ୍ଦ କରିପାରେ ଏବଂ ବ୍ରହ୍ମାଣ୍ଡକୁ ଏକ ବିପର୍ଯ୍ୟୟପୂର୍ଣ୍ଣ ପତନ ଆଡ଼କୁ ଫେରାଇ ନେଇପାରେ। ବର୍ତ୍ତମାନର ପ୍ରମାଣ ଅନୁଯାୟୀ, ଏହି ଫଳାଫଳ ଅସମ୍ଭବ।

ବିଗ୍ ରିପ୍

ଏକ ଅଧିକ ଚରମ ପରିସ୍ଥିତିରେ, ଯଦି ଅନ୍ଧକାର ଶକ୍ତି ସମୟ ସହିତ ଅଧିକ ଶକ୍ତିଶାଳୀ ହୁଏ, ତେବେ ଏହା ଶେଷରେ ଛାୟାପଥ, ତାରା, ଗ୍ରହ ଏବଂ ପରମାଣୁ ଗଠନକୁ ବିଦୀର୍ଣ୍ଣ କରିପାରେ। ତତ୍ତ୍ୱଗତ ଭାବରେ ସମ୍ଭବ ହେଲେ, ଏହା ଅନୁମାନିକ ରହିଛି।

କାହିଁକି ଡାର୍କ ଏନର୍ଜି ଗୁରୁତ୍ୱପୂର୍ଣ୍ଣ

ଡାର୍କ ଏନର୍ଜି ଭୌତିକ ବିଜ୍ଞାନ, ସ୍ଥାନ ଏବଂ ସମୟ ବିଷୟରେ ଆମର ମୌଳିକ ବୁଝାମଣାକୁ ଚ୍ୟାଲେଞ୍ଜ କରେ। ଏହା ବୈଜ୍ଞାନିକମାନଙ୍କୁ ବ୍ରହ୍ମାଣ୍ଡର ପ୍ରକୃତି ଏବଂ ମାନବ ଜ୍ଞାନର ସୀମାକୁ ପୁନର୍ବିଚାର କରିବାକୁ ବାଧ୍ୟ କରେ। ୟୁକ୍ଲିଡ୍ ସ୍ପେସ୍ ଟେଲିସ୍କୋପ୍ ଏବଂ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ଭଳି ଚାଲୁଥିବା ମିଶନ, ଭବିଷ୍ୟତର ପର୍ଯ୍ୟବେକ୍ଷଣ କେନ୍ଦ୍ର ସହିତ, ମାପକୁ ପରିଷ୍କାର କରିବା ଏବଂ ଏହି ମହାଜାଗତିକ ରହସ୍ୟରେ ଗଭୀର ଅନ୍ତର୍ଦୃଷ୍ଟିକୁ ଉନ୍ମୋଚନ କରିବା ଲକ୍ଷ୍ୟ ରଖିଛି।

ଉପସଂହାର

ଡାର୍କ ଏନର୍ଜି ଆମକୁ ମନେ ପକାଇ ଦିଏ ଯେ ମାନବଜାତିର ବ୍ରହ୍ମାଣ୍ଡ ବିଷୟରେ ବୁଝାମଣା ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ। ଯଦିଓ ଏହାର ପ୍ରଭାବ କୋଟି କୋଟି ବର୍ଷ ଧରି ପ୍ରକାଶିତ ହେଉଛି, ଏହା ଉଠାଉଥିବା ପ୍ରଶ୍ନଗୁଡ଼ିକ ତୁରନ୍ତ ଏବଂ ଗଭୀର। ଡାର୍କ ଏନର୍ଜି ଅନୁସନ୍ଧାନ କରିବାରେ, ବିଜ୍ଞାନ ବ୍ରହ୍ମାଣ୍ଡକୁ ବ୍ୟାଖ୍ୟା କରିବା ଅପେକ୍ଷା ଅଧିକ କିଛି କରେ - ଏହା ଆମେ କେଉଁଠାରୁ ଆସିଛୁ ଏବଂ ସବୁକିଛି କେଉଁଠାକୁ ଯାଉଛି ତାହାର ଚୂଡ଼ାନ୍ତ ପ୍ରଶ୍ନର ସମ୍ମୁଖୀନ ହୁଏ।

ଗବେଷଣା ଜାରି ରହିବା ସହିତ, ଡାର୍କ ଏନର୍ଜି ଆମ ଗ୍ରହ ବାହାରେ ଥିବା ବିଶାଳ ଅଜଣା ଜିନିଷଗୁଡ଼ିକର ଏକ ନମ୍ର ପ୍ରମାଣ ଭାବରେ ଠିଆ ହୁଏ, ନୀରବରେ ବ୍ରହ୍ମାଣ୍ଡର ଭାଗ୍ୟକୁ ଆକାର ଦିଏ।

*(ଆଇନ ଏବଂ ନୀତି ଗବେଷକ, ଓଡ଼ିଶା)*

*ସହକାରୀ ପ୍ରଫେସର, ଗଞ୍ଜାମ ଆଇନ ମହାବିଦ୍ୟାଳୟ, ବ୍ରହ୍ମପୁର*

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

ଧାରାବାହିକ ଉପନ୍ୟାସ

# ମହାନାୟକ

## କ୍ଷୀରୋଦ ଦାସ



ସମକାଳୀନ ଓଡ଼ିଆ କଥା ସାହିତ୍ୟର ଏକ ଦମ୍‌ଦାର ସ୍ୱର କ୍ଷୀରୋଦ ଦାସ। କେତେବେଳେ ସୁଦୂର ଅତୀତର ଅଭୁଲା ସ୍ମୃତି ତ କେତେବେଳେ ଆମ ସମୟର ଯନ୍ତ୍ରଣା, ଜଞ୍ଜାଳ, ସଂପର୍କ ଓ ସଂଘାତିକୁ ନିଜ କାହାଣୀ ତଥା ଉପନ୍ୟାସରେ ବିଶ୍ୱସ୍ତ ଭାବେ ପରଷି ଦେବାରେ ସେ ସିଦ୍ଧହସ୍ତ। ତାଙ୍କ କାହାଣୀ ଭିତରେ କେଉଁ କଳ୍ପଲୋକର ରୂପକଥା ନଥାଏ, ଥାଏ ଆମ ଆଖପାଖର ଚିତ୍ର, ଥାଆନ୍ତି ଆମ ଆଖପାଖର ମଣିଷମାନେ। ଓଡ଼ିଆ ଘରର ରୀତିନୀତି, ହାନିଲାଭ, ପ୍ରେମ ପ୍ରଣୟ, ସୁଖଦୁଃଖକୁ ବେଶ୍ ରୁଚିପୂର୍ଣ୍ଣ ଢଙ୍ଗରେ ଉପସ୍ଥାପିତ କରିବାରେ ସେ ଅନେକ ସଫଳତାର ଅଧିକାରୀ।

ଭାଗ-୪୩

*(ପୂର୍ବପ୍ରକାଶ ଉତ୍ତାରୁ*

ମେ ଆଇ କମ୍ ଇନ୍ ସାର୍... ସେଦିନର ସେଇ ଜଡସଡ ଦୁର୍ବଳ ଅନୁଭୂତିଟି ଅତୀତର ଗର୍ଭ ଭିତରୁ ଜୀବନ୍ୟାସ ପାଇ ଝାଡିଝୁଡି ହୋଇ ଫେରି ଆସୁଥିଲା ତାଙ୍କ ପାଖକୁ।

ପାଖରେ ରଖାଯାଇଥିବା ବୋତଲରୁ ଦି'ଢ଼ୋକ ପାଣି ପିଇଲେ ସୁମନ୍ତ, ଶୁଖି ଯାଇଥିବା ତଣ୍ଟିକୁ ଓଦା କରିବା ପାଇଁ।

: ମଞ୍ଚାସୀନ ସମସ୍ତ ମାନ୍ୟଗଣ୍ୟ ଅତିଥିବୃନ୍ଦ, ଉପସ୍ଥିତ ବିଜ୍ଞ ସଜ୍ଜନ ମଣ୍ଡଳୀ ଏବଂ ଆଦରର ଶ୍ରଦ୍ଧେୟ ଛାତ୍ରଛାତ୍ରୀଗଣ" - ସୁମନ୍ତ ଆରମ୍ଭ କଲେ -

"ତେୟାଳିସ ବର୍ଷ ପରେ, ଆଜି ମୁଁ ଯେଉଁଠି ପାଦ ଥାପିଛି, ତାହା ମୋ ପାଇଁ ଏକ ତପୋଭୂମି। ଏଠାରେ ମୋର ଯେଉଁ କଠୋର ତପସ୍ୟା ଆରମ୍ଭ ହୋଇଥିଲା, ତାହା ମୋତେ ଯେଉଁଠି ପହଞ୍ଚାଇଥିଲେ ମଧ୍ୟ ସୃଜନର ଏଇ ଅନ୍ତୁଡିଶାଳକୁ ଭୁଲିଯିବା ପରି କୃତଘ୍ନ ମୁଁ ନୁହେଁ କଦାପି। କୁଆଁ କୁଆଁର ଓଁ କାର ଧ୍ୱନି ସୃଷ୍ଟି କରି ଏଇଠି ଭୂମିଷ୍ଠ ହୋଇଥିଲା ମୋର ପ୍ରଥମ ସୃଜନ-ସନ୍ତାନ। ତା'ପୂର୍ବରୁ ସାହିତ୍ୟ କ'ଣ, କିପରି ତାର ରୂପରଙ୍ଗ, କିଛି ବୋଲି କିଛି ଜାଣିନଥିଲି ମୁଁ। ପାଣି କାଦୁଅ ପଚପଚ, ଅନ୍ଧାର କିଟିକିଟି ଏକ ନିପଟ ମଫସଲି ଗାଁର ଗରିବ ବାପା ମା'ଙ୍କର ହିମାଳୟ ପରି ଆଶାକୁ ମୁଣ୍ଡେଇ ନବଯୁବକଟିଏ ଆସିଥିଲା କଟକ ସହର, ଯେଉଁ ସହର ସହିତ ମୋର ଆଗରୁ କେବେ ବି ପରିଚୟ ନଥିଲା। ମୋ ନୂଆ ଜୀବନର ମୂଳଦୁଆ ପଡିଥିଲା ଏଇ କଲେଜରେ। ମୋର ସର୍ଜନଶୀଳତାର ପ୍ରଥମ ସୂର୍ଯ୍ୟ ଉଇଁଥିଲା ଏଇଠି ...

ସୁମନ୍ତ କେଇ ମୁହୂର୍ତ୍ତ ଚୁପ୍ ରହିଲେ, ତଣ୍ଟି ପାଖରେ କିଛି ଗୋଟାଏ ଖସ୍ ଖସ ହେଉଥିବାରୁ। ପିଇଲେ ବୋତଲରୁ ଆଉ ଦି'ଢ଼ୋକ ପାଣି। ଚାହିଁଲେ ଆଗରେ ବସିଥିବା ଛାତ୍ରଛାତ୍ରୀମାନଙ୍କୁ। ସମସ୍ତେ ଥିଲେ ନିରବ।

"କେତେ କେତେ ରାତି ଉଜାଗର ରହି, ଲହୁ ଲୁହ ଦେଇ ଲେଖିଥିଲି ଯେଉଁ ପ୍ରଥମ ଗପ, ତାକୁ ଜାରଜ ଆଖ୍ୟା ଦିଆ ହୋଇଥିଲା ଏଇଠି। 'ଗଳ୍ପ ଚୋର' ନାମକ ଏକ ବିରାଟକାୟ ମେଡାଲ ଅଦଶ୍ୟ ଭାବରେ ଝୁଲାଇ ଦିଆଗଲା ମୋ ବେକରେ। ମୋର ପ୍ରଥମ ସାରସ୍ୱତ ସନ୍ତନ ଯେ ଅବୈଧ ନଥିଲା, ତାହା ମୁଁ ବୁଝାଇ ପାରିନଥିଲି କାହାକୁ। ବରଂ ସେଇ କଳିଜା ଫଟା ଅପବାଦର



ମୁକୁଟ ମୁଁ ପିନ୍ଧିଥିଲି ଅନନ୍ୟୋପାୟ ହୋଇ। ସେଇ ଅପବାଦ, ସେଇ କଳଙ୍କକୁ ପୋଛି ଲିଭାଇବାର ପ୍ରୟାସ ମୁଁ କରିନାହିଁ ଏ ପର୍ଯ୍ୟନ୍ତ। ବରଂ ତାକୁ ଗଳାର ମାଳି କରି ପିନ୍ଧିଛି ଏଯାବତ୍। ପିନ୍ଧିଛି ଖୁବ୍ ଆଦରରେ, ଅଭିମାନରେ, ଲୁହରେ, କୋହରେ। ତାହା ସିନା କିଛି ଦିନ ପାଇଁ ଚୋରାଇ ନେଇଥିଲା ମୋ ନିଦ, କିନ୍ତୁ ଫେରାଇ ଦେଇଥିଲା ଅନେକ କିଛି। ଫେରାଇ ଦେଇଥିଲା ଅସରନ୍ତି ଆତ୍ମବିଶ୍ୱାସ ଯାହା ପରବର୍ତ୍ତୀ କାଳରେ ସୃଜନ-ପାରାବାରରେ ସନ୍ତରଣ କରିବାର ଶକ୍ତି ଭରି ଦେଇଛି ମୋ ମନରେ, ହୃଦୟରେ...

କଣ୍ଠରୁଦ୍ଧ ହୋଇଯାଉଥିବାର ଅନୁଭବ କରି ସୁମନ୍ତ ଚୁପ ହୋଇଗଲେ କେଇ ମୁହୂର୍ତ୍ତ। ପକେଟରୁ ରୁମାଲ ବାହାର କଲେ ଦୁଇ ଆଖିରେ ଜକେଇ ଆସୁଥିବା ଲୁହକୁ ପୋଛିବା ପାଇଁ।

"ମୁଁ ଏଠାରେ କାହାର ନିନ୍ଦା କରୁନାହିଁ। କାହା ବିରୁଦ୍ଧରେ ଅଭିଯୋଗ ଆଣୁନାହିଁ। କାହା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ। ମୁଁ କେବଳ ରୋମନ୍ଥନ କରୁଛି ସେହି ସବୁ ତିକ୍ତ ମଧୁର ସ୍ମୃତିକୁ, ଯାହା ମୋତେ ନିଜ ଗୋଡରେ ଠିଆ ହେବା ପାଇଁ ଅମିତ ସାହସ ଓ ଶକ୍ତି ଯୋଗାଇ ଦେଇଥିଲା।"

"ଗପ ଚୋର"ର ମେଡାଲଟିକୁ ବେକରେ ଓହଳାଇ ଯେତେବେଳେ ଡହଡହ ନିଦାଘରେ ମୁଁ ଛଟପଟ ହେଉଥିଲି, କଲବଲ ହେଉଥିଲି, ଜୀବନ ଓ ପୃଥିବୀ ଉପରୁ ଆସ୍ଥା ଓ ବିଶ୍ୱାସ ହରାଇ ବସୁଥିଲି, ଠିକ୍ ସେତିକି ବେଳେ, ଗୋଟିଏ ମାହେନ୍ଦ୍ର ମୁହୂର୍ତ୍ତରେ ମୋ ସାମନାରେ ପ୍ରତିଭାତ ହୋଇଥିଲେ ଜଣେ ଦେବୀ, ଯିଏ ମୋ ଡହଳ ବିକଳ ଆତ୍ମା ଉପରେ ସିଞ୍ଚି ଦେଇଥିଲେ ଆଞ୍ଜୁଳା ଆଞ୍ଜୁଳା ଶୀତଳ ପାଣି।

ସେ ଥିଲେ ଆମ କଲେଜର ଜଣେ ଛାତ୍ରୀ। ମୋର ସହପାଠିନୀ।

"ତମ ଗମଟି ମାଗାଜିନିରୁ ପଢ଼ିଲି। ମନକୁ ଛୁଇଁଲା। ଏହା ତୁମର ଏକ ମୌଳିକ ଗପ।" - ତାଙ୍କର ସେଇ ମହାର୍ଘ ଅମୃତବାଣୀ ପଦକ ମୋ କାନରେ ବଂଶୀଧ୍ୱନୀ ପରି ପ୍ରତିଧ୍ୱନିତ ହୋଇଥିଲା। ହାହୁତାଶନମୟ ମୋ ସର୍ବାଙ୍ଗ ଶରୀରରେ ବୋଳି ଦେଇଥିଲା ଶୀତଳ ସୁବାସିତ ଚନ୍ଦନର ପ୍ରଲେପ। ସେଇ ପଦେ ମନ୍ତ୍ର ଧ୍ୱନି ମୋ ଭିତରେ ଭରି ଦେଇଥିଲା ସୃଷ୍ଟି କରିବାର ଶକ୍ତି ଓ ସାମର୍ଥ୍ୟ। ତା'ପରଠାରୁ ସୃଜନ ସଡକରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ। ଏକ ସମ୍ମୋହିତ ଆନନ୍ଦମୟ ଅଦୃଶ୍ୟ ଶକ୍ତି ମୋତେ ଠେଲି ନେଇଯାଇଛି ଆଗକୁ ଆଗକୁ।"

*(କ୍ରମଶଃ)*

# ଚିତ୍ରାୟନ କବିତା



## ପାଞ୍ଚପଡ଼ା

### ରକ୍ଷକ ନାୟକ



ଆପଣ ମାଗିବାକୁ ଆସୁଛନ୍ତି ବୋଲି
ମତେ ଜଣାଥିଲା। ଖବର ପାଇଥିଲି
କ'ଣ ? ଜାଣି ନ ଥିଲି।

ମାଗିବା ଲୋକ କ'ଣ ଆସେ
ଏଡ଼େ ଆଡ଼ମ୍ବରରେ
ଏତେ ଅହଙ୍କାରରେ
ଯୁଗ କେତେ ଯାଇଛି ବଦଳି।

ମୁଁ ବି ଦେବାମନସ୍କରେ ଥିଲି
କ'ଣ ଆଉ ମାଗିବ !
ହେଇ ହେଇ ଏଇଟା ସେଇଟା
ଆଶିଷ କି ଆଶ୍ରୟ କି ଶରଣ
ଅତି ବେଶିରେ ଶିରସ୍ତ୍ରାଣ;
ଦେଲେ ସରିଯାଏ ନାହିଁ
ଅଛି ଅନେକ ପ୍ରମାଣ।
ପୋଥିରେ। ପୁରାଣରେ।

ଜାଣିଥିଲି
ତୁମର କୋଉ କଥାରେ ନିଅଣ୍ଟ ଯେ
ନିଜ ପାଇଁ ନୁହେଁ

ଅନ୍ୟ ପାଇଁ ମାଗିବ
ନିଜକୁ ଧନ୍ୟ ମନେ କରୁଥିଲି
ଅନ୍ତତଃ ମୁଁ ଦେଲାବାଲା ବୋଲି
ତୁମେ ତ' ଭାବିପାରିଲ।

ମୁଁ କ'ଣ ଜାଣିଥିଲି
ତୁମ ମନରେ ଏତେ
ଛନ୍ଦ କପଟ ଅଛି ବୋଲି।

ତୁମେ ମାଗିଲ ପାଞ୍ଚ ପଡ଼ା
ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ, ହସ୍ତିନା, ବାରୁଣା, ଜଇନ୍ତା
ମାତ୍ର ପାଞ୍ଚ ପଡ଼ା ବୋଲି
ବାରମ୍ବାର କହୁଥିଲ।
ଏହାକୁ କ'ଣ କୁହନ୍ତି ମାତ୍ର
ଶବ୍ଦ ଏଠି, ଅର୍ଥ ଅନ୍ୟତ୍ର।

ସମୁଦାୟ ତ' ପଡ଼ା ପାଞ୍ଚଟି
ସବୁତିକ ତୁମକୁ ଦେଇଦେଲେ
ମୁଁ ରହିବି କୋଉଠି ?

*ଦୂରଭାଷ : ୯୪୩୭୧୭୧୪୪୦*

## ମାନବିକତା

### ସଂଶୟ କୁମାର ସାହାଣୀ



ଧରା ଧାମ ପରେ ଶ୍ରେଷ୍ଠ ପ୍ରାଣୀ ରୂପେ
ମଣିଷର ଆବିର୍ଭାବ
ବାକଶକ୍ତି ବଳରେ ବଳିୟାନ ସିଏ
ଉତ୍ତମ ତାର ସ୍ୱଭାବ।
ଜୀବ ଜନ୍ତୁ ବୃକ୍ଷ ସମ ତାର ନୁହେଁ
ବୁଦ୍ଧି ବି ତାର ପ୍ରଖର
ନିଜ ବୁଦ୍ଧି ବଳେ ପ୍ରକୃତି ଜିଣୁଛି
ପହଞ୍ଚେ ଉଚ୍ଚ ଶିଖର।
ବିଦ୍ୟା ଆରୋହଣେ ଜ୍ଞାନ ଲଭି ସିଏ
ଭଲ ମନ୍ଦ ବୁଝି ଥାଏ
ଅଜ୍ଞାନ ରୂପକ ଅନ୍ଧାର ହଟାଇ
ମାନବିକତାରେ ଜୀଏଁ।
ବିଚାରଧାରାକୁ ସମାଜେ ବିତରି
ଦେଖେ ନାହିଁ ଭେଦଭାବ
ସ୍ନେହ ପ୍ରେମ ବଳେ ବାନ୍ଧି ରଖିଥାଏ
ଏହା ମାନବ ସ୍ୱଭାବ।

ଦୟା କ୍ଷମା ପୁଣି ସ୍ନେହ ଓ ଅହିଂସା
ବଢ଼ାଏ ମାନବିକତା
ଦୁଃଖୀ ରଙ୍କି ସେବା ଜାରି ରଖି ସିଏ
ବାଣ୍ଟେ ଶାନ୍ତିର ବାରତା।
ମାନବିକତାର ପରାକାଷ୍ଠା ବଳେ
ମାନବ ମହାନ ହୁଏ
ପଶୁପକ୍ଷୀ, ତରୁ, କୀଟ ପତଙ୍ଗଙ୍କୁ
ସ୍ନେହ ଓ ଆଦର ଦିଏ।
ମାନବିକତା ହିଁ ଜୀବନର ବ୍ରତ
ମରି ବି ଅମର କରେ
ଯୁଗ ଯୁଗ ପାଇଁ ଯଶ ରହିଯାଏ
ପ୍ରତି ଟି ମଣିଷ ଝୁରେ।
ଜୀବ ଦଶା ମଧ୍ୟେ ପ୍ରତିଟି ସୋପାନେ
ନିଜକୁ ସହଜ କରି
ମାନବିକତାର ପରିଚୟ ଦେଇ
ଦୟା, କ୍ଷମା ଦେବା ଭରି।

*ଅଲଣାପ୨, ବଛାଲୋ. ନାଉଗାଁ ହାଟ*
*ଜଗତସିଂହପୁର*

## ଝରଣା ମୋ ପ୍ରିୟା ପରି

### ନବଘନ ସାହୁ



ଉଚ୍ଚ ପର୍ବତର ବନ୍ଧୁର ଦେଶରୁ
ପାହାଚରୁ ପାହାଚ ଫେଡୀ ବହି ଚାଲିଛ
ବନରାଇଜର ରାଜକନ୍ୟା ତୁମେ ଝରଣା,
ତୁମେ ଠିକ୍ ମୋ ପ୍ରିୟା ପରି ଶାନ୍ତ ସରଳ।
ଯେଉଁଠି ଟିକିଏ ରହିଯାଉଛ ସେଇଠି
ତୁମ ସ୍ୱଚ୍ଛ ହୃଦୟକୁ ଶାନ୍ତ ସ୍ୱଭାବରେ
ସମର୍ପି ଦେଉଛ ପଥର ଦେହର ,
କଠିନ ମନ ଉପରେ।
ବେଳେବେଳେ ତୁମେ ଅଭିମାନରେ
ଉଚ୍ଚ ପାହାଡ ଦେହରୁ ଲମ୍ଫ ଦେଇ
ଝରଣାରୁ ଜଳପ୍ରପାତ ପାଲୋଟି ଯାଉଛ।
ତୁମେ ଯେବେ ଗୀତ ଗାଅ,
ପାହାଡ ଶୁଣେ , ବୃକ୍ଷ ହସେ ପକ୍ଷୀ ମାନେ
ଉଡି ଆସି ତୁମ ସଙ୍ଗୀତର ମୂର୍ଚ୍ଛନାରେ
ନିଜକୁ ହଜାଇ ଦେଇ ଉଡି ଯାଆନ୍ତି ବହୁଦୂର।
ଦିନବେଳେ ତୁମ ଦେହେ ତାରା ଫୁଟେ
କୋଟିଏ ସୂର୍ଯ୍ୟ ଯେମିତି ଓହ୍ଲାଇ ଆସନ୍ତି ,
ତୁମକୁ ଆକାଶ ଭାବି ଢେର୍ ସମୟ କଥା ହେବାକୁ,
ତୁମେ କିନ୍ତୁ ସେମାନଙ୍କୁ ଭୁଲି ଯାଅ ବୃକ୍ଷର ଶୀତଳ ଛାଇରେ।
ତୁମେ ବି ଚିତ୍ର ଆଙ୍କ ସବୁଜ ଘଞ୍ଚ ଅରଣ୍ୟର,
ଥୁଣ୍ଟା ଗଛର, ମୂଳରୁ ଛେଦନ ହୋଇଥିବା
ଶିଶୁ ବୃକ୍ଷର ଆଉ ଖଣ୍ଡ ବିଖଣ୍ଡିତ ଟାଙ୍ଗରା
ପାହାଡ଼ର।

ତୁମ ଶଯ୍ୟା କଡ଼ରେ ପେଟ ପାଇଁ
ସଂଗ୍ରାମ କରୁଥିବା କେଇଟା ମଣିଷର କଙ୍କାଳ
ତୁମ ଠାରୁ ଅଞ୍ଜୁଳାଏ ଜଳ ପିଇ
ଓହୋ କହିବାର ନମ୍ର ସ୍ୱର ଗୁଡ଼ିକ
ତୁମକୁ ଆତ୍ମ ତୃପ୍ତି ଦେଇଥାଏ।

ତୁମେ ତ ଗୋଟାପଣେ ମୋର
ତୁମର ଏଭଳି ବିଭବ କୁ ମୁଁ କଣ ଭୁଲି ପାରେ,
ସେଥି ପାଇଁତ କର୍ମ ମୟ ଜୀବନରେ ସମୟ ମିଳିଲେ
ଧାଇଁ ଆସେ ତୁମ ପାଖକୁ।
ତୁମ ନୀରବ ରାଜ୍ୟ ମତେ ବହୁତ୍ ଭଲ ଲାଗେ
ମତେ ଦେଖି ତୁମେ ହସିଦିଅ ଲାଜକର
କୁଳୁ କୁଳୁ ଶବ୍ଦରେ ଭଲପାଇବାର କଥା କୁହ,
ମୁଁ ବି ହସିଦିଏ ଲାଜ କରେ , ତୁମ ଶବ୍ଦ ଶୁଣେ
ଆଉ ତୁମକୁ ସ୍ପର୍ଶ କରେ।

ବିଦାୟ ବେଳେ ତୁମେ ନୀରବି ଯାଅ ଦୁଃଖ କର
ମୁଁ ବି ନିରବୀ ଯାଏ ଦୁଃଖ କରେ ,
ମୋ ନୟନ ଯୁଗଳରୁକେଇଟୋପା ଲୁହ ,
ତୁମ ଦେହେ ଝରି ପଡ଼େ
ପୁଣି ଆସିବି କହି ,ସାମାନ୍ୟ ଆଶ୍ୱସ୍ତି ସହ ଲୁହ
ଛଳ ଛଳ ନୟନରେ ତୁମ ଠାରୁ ବିଦାୟ ନିଏ।

*ଜୁନାଗଡ*

## ପବିତ୍ର ଉତ୍ତରାୟଣ

### ରାମଚନ୍ଦ୍ର ବେହେରା



ପ୍ରକାଶ ଦେବତା ରୋଗମୁକ୍ତି ଦାତା
ସହର୍ଷେ ଛାଡିବେ ଧନୁକୁ
ମକର ଆତିଥ୍ୟ ସ୍ୱୀକାରି ଭାସ୍କର
ଫେରିବେ ଉତ୍ତର ଦିଶାକୁ
ଉଷ୍ମ ଦୀପ୍ତି ଦେବେ ବିଛୁରି
ଶୀତର ପ୍ରକୋପ କମି କମି ଯିବ
ମନକୁ ମୋହିବ ସବୁରି।

ଉତ୍ତରର ଜନେ ଗଂଗା ସ୍ନାନକରି
ସୂର୍ଯ୍ୟ ଉପାସନା କରିବେ
ଦକ୍ଷିଣ ରାଇଜେ ପବିତ୍ର ପୋଂଗଲ
ଶ୍ରଦ୍ଧାରେ ସଭିଏଁ ପାଳିବେ
ପଂଜାବୀ ପାଳିବେ ଲୋହଡି
ସଂଗୀତର ସୁରେ ଭାଂଗରା ନୃତ୍ୟରେ
ରାଇଜ ପଡିବ ଉଛୁଳି।

ସାରା ଭାରତର ନୀଳ ଆକାଶରେ
ଦିଶିବ ଗୁଡିର ଝଲକ
ମକର ସଂକ୍ରାନ୍ତି ଶୁଭ ଅବସରେ
ହସିବ ଉତ୍କଳ ମୂଳକ
ନାନା ଜାତି ପୁଷ୍ପ ଗହଣେ
ଛିଟ ଶାଢୀ ପିନ୍ଧି ପବିତ୍ର ଧରଣୀ
ଖୁସି ଭରିଦେବ ପରାଣେ।

ଆମ ଭାରତର ଭିନ୍ନ ଭିନ୍ନ ପ୍ରାନ୍ତେ
ଭିନ୍ନ ନାମେ ଏହି ପରବ
ହର୍ଷ ଉଲ୍ଲାସରେ ସଭିଏଁ ପାଳିବେ
ଦେଶ ପାଇଁ ଏହା ଗୌରବ
ଉତ୍ତରାୟଣର ପରଶେ
ଆସ ସର୍ବେ ମିଳି ପ୍ରଭୁ ତପନଂକୁ
ଆଶିଷ ମାଗିବା ହରଷେ।

*ତେନ୍ତୁଳିପଦା,ଜଗତସିଂହପୁର*
*ଦୂରଭାଷ : ୭୩୫୫୬୩୫୩୪୬*

## ପଥପ୍ରାନ୍ତ

### ପ୍ରଭାତି ଜେନା





ପହିଲି ପରଶ ବରଷାର ଛୁଆଁ ତନୁ ମନ ଓଦା କରେ। ମନରେ ତୃପ୍ତି ଆନନ୍ଦର ଚେତନାରେ ଜାଗୃତ କରେ। ମନରେ ଅପୂର୍ବ ଶିହରଣ ବାତାବରଣ ସୃଷ୍ଟିକରେ। ସବୁଜ ରଙ୍ଗର ସୃଷ୍ଟି ଧରାର ବକ୍ଷରେ ଶୀତକତାର ବନ ଉପବନେ ଅମୃତ ପରଶ ତୋଳି ଧରେ। ଧରଣୀ ସତରେ ଫୁଲେଇ ହୁଏ ବରଷାର ଆଗମନେ।

ଏହି ସ୍ୱର୍ଶ ଏହି ମିଳନ, ନବଦମ୍ପତ୍ତି ସାଜିଥିବା ନାଲି ଓଢଣୀରେ ବୋହୂ ରୂପରେ ଧରା ପୃଷ୍ଠରେ ଅବତରୀ ଆସିଥିବା ସେହି ନାରୀ ଯେତେବେଳେ ମନ୍ତ୍ରର ଆବାହନରେ ଶଙ୍ଖ ହୂଳହୂଳୀ ଧ୍ୱନିରେ ସ୍ୱାଗତ ଯୋଗ୍ୟା ହୁଏ ତାକୁ କେହି ବୋହୂ, କେହି ଭାଉଜ, ଯାଆ, ସାନମାଆ, ବଡମାଆ ଡାକରେ ପେଟ ପୂରୁଥାଏ । ସିଏ ସଂପୂର୍ଣ୍ଣ ବଦଳିଯାଏ ନୂଆ ପରିପାଟୀରେ ନୂଆ ରଙ୍ଗରେ....

ନୂଆ ରୂପ ତାକୁ ସବୁ ମିଠା ଅନୁଭବ ଦେଇଥାଏ। ସଂସାରର ଧରା ବନ୍ଧା ନିୟମ ଭିତରେ ସମାଜର ସାମାଜିକ ସିକୃତି ମିଳିଯାଏ ମଥାରେ ସିନ୍ଦୂର ଲାଗି ଗଲେ ହୋଇଯାଏ କାହାର ସ୍ତ୍ରୀ, ତା'ପରେ ବୋହୂ ତା'ପରେ ଇତ୍ୟାଦି ସଂପର୍କର ନୂଆ ଡୋରକୁ ବାନ୍ଧି ରଖିବାକୁ କେତେ ଯେ ବରଷ ମାସ ବିତୁଥାଏ। ସେହି ଜାଣେ। ଏହି ସାମାଜିକ ବନ୍ଧନ ଏହି ପରମ୍ପରା ବହୁତ ଭଲଲାଗେ।

ସେଦିନ ବୈଭବ ଆଉ ବର୍ତ୍ତୀକା ବାହାଘର ସରିଯାଇଥିଲା ନୂଆକରି ସଂସାର ବିଚିତ୍ରତାକୁ ଅନୁଭବ ବି କରୁଥିଲେ। ବୈଭବ ବି ଭାବୁଥିଲା ସତରେ କ'ଣ ପଥପ୍ରାନ୍ତ ନାଟକର ବିଶେଷତ୍ୱ ରହିଛି ସିନ୍ଦୂରର ମହତ୍ତ୍ୱ ଏତେ ବେଶି ଯାହା ସବୁ କିଛି ଠୁ ଦୂରରେ ରଖେ ଓ ମନ ଭିତରେ ଅଜବପ୍ରଶ୍ନ ଏତେ ତାକକ୍ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ପରିପୂରକ।

ବିବାହ ମାୟାଜାଲରେ ଘେରି ହୋଇଥିବା ସେ ବେଦୀ ବର୍ଗାକାର ବିଶିଷ୍ଟ ବାଉଂଶରେ ପୋତା କପଡା ଗୁଡାହୋଇ ବେଦୀ ତିଆରି ହୋଇଥାଏ। ସେଠି କ'ଣ ମାୟାଜାଲ ଗୁଡା ହୋଇଥାଏ କି ....?? ଠିକ୍ ବର୍ତ୍ତୀକା ବି ଭାବୁଛି ପରିବାରଠୁ ବି ଅଲଗା କରେ ସିନ୍ଦୂର ନିଜର ସମସ୍ତ ଭାଇ ଭଉଣୀ କକା ଖୁଡୀ ସାହି ପଡିଶର ପର ଯାଆନ୍ତି।

ସବୁ କିଛି ବଦଳିଯାଏ ଏହି ମାନବୀୟ ଲୀଳା ଖେଳାରେ। ସେଦିନ ସତୀ ଦେବୀ ଶିବଙ୍କୁ ବିବାହ କରିଥିଲେ ଦକ୍ଷ ପ୍ରଜାପତିଃ ଙ୍କ କନ୍ୟା ସମସ୍ତ ଦେବଗଣ ସାକ୍ଷୀ ରହିଥିଲେ। କିନ୍ତୁ ସତୀଦେବୀ ପ୍ରେମ ବିବାହ କରି ଥିବାରୁ ତାଙ୍କର ମନରେ ଅଶାନ୍ତିର ବାତାବରଣ ଖେଳି ଯାଇଥିଲା।

ସମସ୍ତ କନ୍ୟାକୁ ନିମନ୍ତ୍ରଣ କରିଥିଲେ ଯଜ୍ଞକୁ କିନ୍ତୁ ସତୀ ଦେବୀକୁ ନିମନ୍ତ୍ରଣ କରିନ ଥିଲେ। ମହାଦେବ ସ୍ୱୟଂ ବି ମନାକରିଥିଲେ ବିନା ନିମନ୍ତ୍ରଣ ଯାଅନି ସତୀ ଚ଼ିନ୍ତୁ ପିତା ନିମନ୍ତ୍ରଣ ଦିଅନ୍ତି ବା ନ ଦିଅନ୍ତୁ ଯିବା ପାଇଁ ଜିଦି ଧରିଲେ। ଯଜ୍ଞରେ ଆସି ଉପସ୍ଥିତ ହୋଇଗଲେ। ଦକ୍ଷ ରାଜା ପୁତ୍ରୀ ସତୀ ଦେବୀଙ୍କର ବହୁତ ଅପମାନ କରିଥିଲେ ସେଦିନ ସ୍ୱାମୀଙ୍କର ଅପମାନ ବି ସହ୍ୟ ନ କରିପାରି ଯଜ୍ଞ ବେଦୀରେ ଆହୁତୀ ବି ଦେଇଦେଲେ ।ସ୍ୱୟଂ ମହାଦେବ ଏସବୁ ଜାଣିଲା ପରେ ସୃଷ୍ଟିକୁ ରାଗରେ ଧ୍ୱଂସ କରିବାକୁ ବସିଥିଲେ। ତାଙ୍କର କୋପରେ ପୃଥିବୀ ଟଳମଳ ହୋଇଥିଲା। ସେ ପାଗଳଙ୍କ ଭଳି ସତୀଦେବୀଙ୍କୁ ଭଲପାଇ ବସିଥିଲେ। ତାଙ୍କ ବିନା ଜୀବନ ଯେମିତି ଅସହ୍ୟବୋଧ ମନେ ହେଲା ଦକ୍ଷ ରାଜା ବି ଅଭିଶାପରୁ ମୁକ୍ତି ପାଇ ନ ଥିଲେ। ସେଦିନ ଏହି ବିବାହ ର ଅର୍ଥ ସେ ବୁଝାଇ ଦେଇ ପାଗଳ ପରି ଘୂରି ବୁଲିଲେ। କଠୋର ତପସ୍ୟାରେ ନିମଗ୍ନ ରହିଲେ। ପରବର୍ତ୍ତୀ ଅବତାର ଓ ଗ୍ରହଣ କଲେ ଦେବୀ ପାର୍ବତୀ ଯିଏ ସମସ୍ତ ଶକ୍ତିର ଅଧିକାରିଣୀଥିଲେ। ଏଥର ସର୍ବ ଦେବତାଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ସାରିଥିଲା। ଶିବକୁ ଶାନ୍ତ କରି ବହୁ କଠୋର ତପସ୍ୟା କରି ଶିବଙ୍କୁ ପାଇଥିଲେ। ଆଜି ସବୁଠି ଶିବ ବିବାହ ର ଚର୍ଚ୍ଚା। ସମସ୍ତ ଯୁବକ ଯୁବତୀ ଆଉ ସ୍ୱାମୀ ସ୍ତ୍ରୀ ଶିବକୁ ଆରାଧନା କରିଥାନ୍ତି। ତାଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହେଉ ସିନ୍ଦୂର ମୂଲ୍ୟ ରହୁ। ମୁଣ୍ଡରେ ଓଢଣୀ , ହାତରେ ଶଙ୍ଖା ଓ ପାଦରେ ଅଳତା

# କ୍ଷତିରେ ଚାଲିଛି ୬ ସରକାରୀ ଉଦ୍ୟୋଗ

**ଭୁବନେଶ୍ୱର :** ରାଜ୍ୟରେ ୩୨ଟି ସରକାରୀ ଉଦ୍ୟୋଗ କାର୍ଯ୍ୟକାରୀ ଥିବାବେଳେ ତନ୍ମଧ୍ୟରୁ ୬ଟି କ୍ଷତିରେ ଚାଲିଛି। ଏହି ଉଦ୍ୟୋଗ ଗୁଡ଼ିକ ହେଲା ଗ୍ରିଡକୋ, କଳିଙ୍ଗ ଷ୍ଟୁଡିଓ, ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ, ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଏବଂ ଓଡ଼ିଶା ରାଜ୍ୟ ଅର୍ଥ ନିଗମ। ସେହିପରି ଦୁଇଟି ନିଗମ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଏବଂ ଓ୍ୱାଟକୋ ବିନା କ୍ଷତି ଏବଂ ବିନା ଲାଭରେ କାର୍ଯ୍ୟ କରୁଛି। ପ୍ରାୟ ୯ଟି ସରକାରୀ ଉଦ୍ୟୋଗ ଲାଭରେ ଚାଲିଥିଲେ ବି କିଛିବର୍ଷ ହେଲା ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ କ୍ଷତିରେ ଚାଲୁଥିବା ସରକାରୀ ଉଦ୍ୟୋଗଗୁଡ଼ିକ କିପରି ପୂର୍ବାବସ୍ଥାକୁ ଫେରି ଲାଭ କରିବେ ସେଥିପ୍ରତି ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହାୟତା ଦିଆଯାଉ ନାହିଁ। ଅନ୍ୟପଟେ ଉଦ୍ୟୋଗଗୁଡ଼ିକ ମଧ୍ୟ ନିଜସ୍ୱ ସମ୍ବଳରେ କିପରି ପୂର୍ବାବସ୍ଥାକୁ ଫେରି ପାରିବେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳସ୍ୱରୂପ କ୍ଷତିରେ ଚାଲିଥିବା ଉଦ୍ୟୋଗଗୁଡ଼ିକ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହୋଇ ପଡୁଛି। ବିଶେଷକରି ଗ୍ରିଡକୋର ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ବକେୟା ପଡ଼ିଛି। ଫଳସ୍ୱରୂପ ଗ୍ରିଡକୋ କ୍ଷତିରେ ପଡ଼ିଛି। ଗ୍ରିଡକୋ କିପରି ଲାଭଜନକ ହେବ ସେଥିପାଇଁ ରାଜ୍ୟ ସରକାର ବିଦ୍ୟୁତ୍ ବିତରଣକାରୀ କମ୍ପାନୀଗୁଡ଼ିକର ପରିଚାଳନା ଭାର ଟାଟା ପାୱାରକୁ ହସ୍ତାନ୍ତର ହେବା ପରେ ଏହି ନୂତନ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ପୂର୍ବବର୍ତ୍ତୀ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରି ଗ୍ରିଡକୋକୁ ପ୍ରଦାନ କରୁଛନ୍ତି। ବିଦ୍ୟୁତ୍ ବଜାରର ପୁନରୁଦ୍ଧାର ସହ ଗ୍ରୀଡକୋ ବଳକା ବିଦ୍ୟୁତ୍ ଶକ୍ତିକୁ ବିକ୍ରି କରି ଅଧିକ ରାଜସ୍ୱ ଅର୍ଜନ କରିବା ସହିତ ବିଦ୍ୟୁତ୍ ଶୁଳ୍କ ମଧ୍ୟ କମାଇବାରେ ସକ୍ଷମ ହୋଇପାରିବ। ଗ୍ରିଡକୋର ରାଜସ୍ୱ ନିଅଣ୍ଟକୁ ଭରଣା କରିବା ନିମନ୍ତେ ସରକାର ତାହାକୁ କୋହଳ ସର୍ତ୍ତରେ ଋଣ ପ୍ରଦାନ କରୁଛନ୍ତି। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ୧୦୨.୨୭ ଲକ୍ଷ ଟଙ୍କା ଲାଭରେ ରହିଛି। କଳିଙ୍ଗ ଷ୍ଟୁଡିଓ ଲି. କ୍ଷତିରେ ଚାଲିଛି, ଏହାକୁ ପୁନରୁଦ୍ଧାର କରାଯାଉଛି। ଏହାର ପୁନରୁଦ୍ଧାର କାର୍ଯ୍ୟ ଦାୟିତ୍ୱ ଇଡକ୍ସକୁ ଦିଆଯାଇଛି। ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଆର୍ଥିକ ବର୍ଷ ୨୦୨୪-୨୫ରୁ ୧୪୨.୦୧ଲକ୍ଷ ଟଙ୍କା କ୍ଷତିରେ ଚାଲୁଛି। ଏହାକୁ ଲାଭାନ୍ୱିତ କରିବା ନିମନ୍ତେ ରାଜ୍ୟ ସରକାର ଏକକାଳୀନ ଋଣ ପରିଶୋଧ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରୁଛନ୍ତି। ଓଡ଼ିଶା ମତ୍ସ୍ୟଚାଷ ଉନ୍ନୟନ ନିଗମ ଆର୍ଥିକ ବର୍ଷ ୨୦୧୯-୨୦ ଅଡିଟ ତଥ୍ୟ ଅନୁଯାୟୀ ୮୪.୫୪ଲକ୍ଷ ଟଙ୍କା କ୍ଷତିରେ ଚାଲୁଛି। ଏହି ନିଗମକୁ ସରକାର କୌଣସି ଅନୁଦାନ ମିଳିନାହିଁ। ଉକ୍ତ ନିଗମକୁ କିପରି ଲାଭାନ୍ୱିତ କରାଯିବ ସେଥିପାଇଁ ପରିଷଦ ବୈଠକରେ ଆଲୋଚନା କରାଯିବ। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଆର୍ଥିକ ବର୍ଷ ୨୦୨୪-୨୫ ସୁଦ୍ଧା ୫୬.୦୪କୋଟି ଟଙ୍କା କ୍ଷତିରେ ଚାଲୁଛି। ଏହି ନିଗମ ଜରିଆରେ ବର୍ତ୍ତମାନ ରାଜ୍ୟରେ ସରକାରଙ୍କ ଦୁଇଟି ଯୋଜନା ଯଥା ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଅଚଳ ବସ୍ ଷ୍ଟାଣ୍ଡ ପରିଚାଳିତ ହେଉଛି। ଓଡ଼ିଶା ରାଜ୍ୟ ଅର୍ଥ ନିଗମ କ୍ଷତିରେ ଚାଲୁଛି। ଉକ୍ତ ନିଗମର ବକେୟା ଋଣ ପରିମାଣରୁ ଅର୍ଥ ଆଦାୟ କରାଯାଇ କ୍ଷତି ପରିମାଣକୁ ଭରଣା କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟ ସରକାର କହୁଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ଦିନ ପାଇଁ ...

ତେବେ ଟ୍ରିବ୍ୟୁନାଲର ୩ଜଣିଆ ସଦସ୍ୟ ଓ ମୋଟ ୯ଜଣିଆ ଟିମଙ୍କ ୧୦ଦିନର ଗସ୍ତ ବାବଦରେ ଯେଉଁ ଅର୍ଥ ଖର୍ଚ୍ଚ ହୋଇଛି ତାହା ବେଶ୍ ଚମକାଇଲା ଭଳି। ମେ' ୧୯ ଅପରାହ୍ନରୁ ଝାରସୁଗୁଡ଼ାରୁ ନିଜର ଓଡ଼ିଶା ଯାତ୍ରା ଆରମ୍ଭ କରିବା ଓ ୨୮ତାରିଖରେ ଓଡ଼ିଶା ଛାଡ଼ିବା ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ଓ ତାଙ୍କ ଟିମଙ୍କ ରହିବା-ଖାଇବାରେ ମୋଟ ୧କୋଟି ୮୫ଲକ୍ଷ ୧୮ହଜାର ୬୮୪ଟଙ୍କା (୧୦ଦିନରେ) ଖର୍ଚ୍ଚ ହୋଇଛି। ଏହାବ୍ୟତୀତ ଟ୍ରିବ୍ୟୁନାଲଙ୍କ ଗସ୍ତ ନିମନ୍ତେ ବିଭିନ୍ନ ସ୍ଥାନରେ ଟେଣ୍ଟ ଓ ଅସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ବାବଦରେ ୧.୮୭କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପରିବହନ ଓ ଲଜିଷ୍ଟିକ ବାବଦରେ ଆଉ ୧.୩୩କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ସମସ୍ତ ଖର୍ଚ୍ଚ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଓସିସି (ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେସନ) ଦ୍ୱାରା କରାଯାଇଥିଲା। ଟ୍ରିବ୍ୟୁନାଲଙ୍କ ଗସ୍ତ ପାଇଁ ମୂଳ ବଜେଟ୍ ୩.୯୧କୋଟି ଟଙ୍କା ସ୍ଥିର ହୋଇଥିଲେ ମଧ୍ୟ ବାସ୍ତବରେ ଏହାଠୁ ୨୯.୨% ଅଧିକ ଅର୍ଥ (୫ କୋଟି ୫ଲକ୍ଷ ୫୮ହଜାର ୨୯୭ଟଙ୍କା) ଖର୍ଚ୍ଚ ହୋଇଛି। ଯାହାକି ମୂଳବଜେଟ୍ ତୁଳନାରେ ୧.୧୪ କୋଟି ଟଙ୍କା ଅଧିକ ଖର୍ଚ୍ଚ ବୋଲି ଜଣାପଡ଼ିଛି। ଜଷ୍ଟିସ ଖାନଓ୍ୱାଲିକରଙ୍କ ନେତୃତ୍ୱାଧୀନ ଟ୍ରିବ୍ୟୁନାଲ ଟିମ୍ ମେ ୧୯ରୁ ୨୧ ତାରିଖ ମଧ୍ୟରେ ଝାରସୁଗୁଡ଼ା, ହୀରାକୁଦ ଡ୍ୟାମ୍, ଚିପିଲିମା ଓ ଇବ୍ ଥର୍ମାଲ୍ ପରିଦର୍ଶନ କରିଥିବାବେଳେ ମେ ୨୨-୨୩ରେ ସୁନ୍ଦରଗଡ଼ ଓ ନୂଆପଡ଼ାର ଅପର ଜୋଙ୍କ ପ୍ରକଳ୍ପ ଦେଖିଥିଲେ। ମେ' ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ସାତକୋଶିଆ, ନରାଜ, ମୁଣ୍ଡଳୀ ବ୍ୟାରେଜ୍, ମହାନଦୀ ଅବବାହିକା, ଚିଲିକା ଓ ପୁରୀର ବିଭିନ୍ନ ସ୍ଥାନ ବୁଲି ଅନୁଧ୍ୟାନ କରି ଫେରି ଯାଇଥିଲେ। ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ବାବଦ ସମସ୍ତ କାର୍ଯ୍ୟକୁ ଟେଣ୍ଡର ପ୍ରକ୍ରିୟାକୁ ଅନୁସରଣ ନକରି 'ଜରୁରୀକାଳୀନ ଓ ବିଶେଷଧରଣର କାମ' ଦର୍ଶାଇ ଓସିସିକୁ ଟେକି ଦିଆଯାଇଥିଲା। ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍ ୨୦୨୩ ମେ' ୨୦ତାରିଖ (ଚିଠି ସଂଖ୍ୟା-୧୪୫୦୦)ରେ ଏଥିପାଇଁ ଅନୁମତି ଦେଇଥିଲେ। ଅର୍ଥାତ୍ ଟ୍ରିବ୍ୟୁନାଲ ଓଡ଼ିଶାରେ ପହଞ୍ଚି ସାରିବା ପରେ ଏହି ଅନୁମତି ଓସିସିକୁ ଦିଆଯାଇଥିଲା। ଓସିସିକୁ କାର୍ଯ୍ୟ ଆବଂଟନବେଳେ ସବୁପ୍ରକାରର ନିୟମକୁ ଫୁ' କରି ଦିଆଯାଇଥିଲା। ତେବେ ବିଜେଡି ସରକାର ସମୟରେ ହୋଇଥିବା ଏହି ବିପୁଳ ଅର୍ଥ ଖର୍ଚ୍ଚର ଅନୁମୋଦନ ପାଇଁ ଜଳସମ୍ପଦ ବିଭାଗ ଭିତରେ ଅଢ଼େଇବର୍ଷ ଧରି ଟଣାଓଟରା ଚାଲିଥିଲା।

### ଏପ୍ରିଲରୁ ଓଡ଼ିଶାରେ ...

ଅଧ୍ୟକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ଜନଗଣନା ସମନ୍ୱୟ କମିଟି ବୈଠକରେ ଜନଗଣନା ନିର୍ଦ୍ଦେଶକଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଜନଗଣନା ପାଇଁ ଗତ ୬ ମାସ ଧରି ପ୍ରସ୍ତୁତି ଚାଲିଥିଲା। ଭୁବନେଶ୍ୱର, କଟକରେ ପ୍ରି' ଟେଷ୍ଟ ସରିଛି। ନୂଆ ଘୋଷଣା ହୋଇଥିବା ଏନଏସି ଏବଂ ପୌରପାଳିକା ବାଉଣ୍ଡ୍ରି ଫାଇନାଲ ହୋଇଛି। ଆସନ୍ତା ୩ ମାସ ଧରି ଜନଗଣନା ଅଧିକାରୀଙ୍କୁ ଟ୍ରେନିଂ ଦିଆଯିବ। ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତ ହେବେ। ୬ ଜଣ ଅଧିକାରୀଙ୍କ ପାଇଁ ଜଣେ ସୁପର ଭାଇଜର ନିଯୁକ୍ତ ହେବେ। ପ୍ରାୟ ଲକ୍ଷେ ଜନଗଣନା ଅଧିକାରୀ ନିଯୁକ୍ତ କରାଯିବ। ଜଣେ ଜନଗଣନା ଅଧିକାରୀଙ୍କୁ ୨୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଦିଆଯିବ। ଏପ୍ରିଲରୁ ମେ' ମାସ ଭିତରେ ପ୍ରଥମ ଫେଜରେ ଘର ମାର୍କ ହେବ। ୨୦୨୭ ଫେବୃଆରୀରୁ ଦ୍ୱିତୀୟ ପର୍ଯ୍ୟାୟରେ ଜନ ଗଣନା ହେବ। ଜଣେ ଲୋକ ନିଜେ ଚାହିଁଲେ ନିଜର ତଥ୍ୟ ଦେଇ ୱେବସାଇଟ ଜରିଆରେ ପଞ୍ଜିକୃତ କରି ପାରିବେ। ମୋବାଇଲ ନମ୍ବରରେ ଓଟିପି ବେସ୍‌ଡ ହେବ। ଗୋଟିଏ ନମ୍ବର ଦୁଇ ଥର ବ୍ୟବହାର କରି ପାରିବେନି କି ଆପରୁ ସ୍କ୍ରିନସଟ୍ ମଧ୍ୟ ନେଇପାରିବେ ନାହିଁ। ପ୍ରାୟ ୯୦ ପ୍ରତିଶତ ଅନଲାଇନରେ ହେବ। ପୂରା ପ୍ରକ୍ରିୟାକୁ ଉଚ୍ଚ ସ୍ତରୀୟ ମନିଟରିଂ କରାଯିବ।

### ରାସନକାର୍ଡ ପାଇଁ ...

ଦେବା ପାଇଁ ରାଜ୍ୟ କ୍ୟାବିନେଟ୍ ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର (ଟିପିଆରଇଏଲ) ଏକ ବୃହତ୍ ସୋଲାର ସେଲ୍ ମାନ୍ୟୁଫାକଚରିଂ ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ପ୍ରାୟ ୧୦ହଜାର କୋଟି ଟଙ୍କା ପୁଞ୍ଜିନିବେଶ ମାଧ୍ୟମରେ ଗଞ୍ଜାମ ଜିଲ୍ଲାର ଟାଟା ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ଠାରେ ଏହି ସମନ୍ୱିତ ଇନଗଟ୍-ୱେଫର ଓ ସୌର ସେଲ୍ ଉତ୍ପାଦନ ପ୍ରକଳ୍ପ ସ୍ଥାପିତ ହେବ। ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା କେବଳ ଓଡ଼ିଶାର ସୌର ଶକ୍ତି କ୍ଷେତ୍ରକୁ ସୁଦୃଢ଼ କରିବ ନାହିଁ, ବରଂ ୨୦୩୦ ସୁଦ୍ଧା ୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କରିବାର ଭାରତର ଲକ୍ଷ୍ୟକୁ ହାସଲ କରିବାରେ ମଧ୍ୟ ସହାୟକ ହେବ। ଓଡ଼ିଶା ଭାରତର ସୌର ଶକ୍ତି ଉପକରଣ ଉତ୍ପାଦନର ଏକ ପ୍ରମୁଖ ହବ୍ ଭାବେ ଉଭା ହେବ। ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଆକର୍ଷଣୀୟ କରିବା ପାଇଁ 'ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ନିବେଶକଙ୍କ ସୁବିଧା ପାଇଁ ୩-ତାରକା ଓ ତଦୁର୍ଦ୍ଧ୍ୱ ତାରକା ବିଶିଷ୍ଟ ହୋଟେଲ ପାଇଁ ସର୍ବନିମ୍ନ କୋଠରୀ ସଂଖ୍ୟା ୫୦ରୁ ୧୦କୁ ହ୍ରାସ କରାଯାଇଛି। ପୁଞ୍ଜି ନିବେଶ ସବସିଡି ଢାଞ୍ଚାକୁ ସରଳୀକୃତ କରି ୩୦%ରୁ ୪୦% ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା କରାଯାଇଛି। ସେହିପରି ହୀରାକୁଦ, ସାତକୋଶିଆ, ଶିମିଳିପାଳ ଏବଂ ଭିତରକନିକା ଭଳି ଉଚ୍ଚ-ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳୀକୁ ସ୍ୱତନ୍ତ୍ର ଜୋନରେ ଅନ୍ତର୍ଭୁକ୍ତ କରାଯାଇଛି। ସଂଶୋଧିତ ପର୍ଯ୍ୟଟନ ନୀତି ଅନୁସାରେ ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ଦେଶର ୫ଟି ମେଟ୍ରୋ ସହର ସମେତ ଆଗ୍ରା, ବାରାଣସୀ ଭଳି ୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଓଡ଼ିଆ ଖାଦ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଆ ରେଷ୍ଟୁରାଂଟ ଖୋଲିବାକୁ ସରକାର ସହାୟତା ପ୍ରଦାନ କରିବେ। ରାସନକାର୍ଡ ପାଇଁ ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ ହୋଇଛି ଓ ହିତାଧିକାରୀଙ୍କ ଆୟସୀମା ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାସନକାର୍ଡରୁ ବାଦ୍ ଦେବା ମାନଦଣ୍ଡରେ ପରିବାରର ମାସିକ ଆୟ ଗ୍ରାମାଞ୍ଚଳରେ ମାସିକ ଆୟ ୧୦ହଜାର ଟଙ୍କା ବଦଳରେ ୧୫ହଜାର ଟଙ୍କା ଓ ସହରାଂଚଳରେ ୧୫ହଜାର ପରିବର୍ତ୍ତେ ୨୦ହଜାର ଟଙ୍କା ସ୍ଥିର କରାଯାଇଛି। ଏହାଦ୍ୱାରା ଅନେକ ପ୍ରକୃତ ହିତାଧିକାରୀ ରାସନକାର୍ଡ ସୁବିଧାରୁ ବଂଚିତ ହେବେ ନାହିଁ। ଗ୍ରାମାଞ୍ଚଳରେ ମାସିକ ୧୫ହଜାର ଓ ସହରାଂଚଳରେ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଥିବା ପରିବାର ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇପାରିବେ। ଏଥିସହ ମୃତ ବ୍ୟକ୍ତିଙ୍କ ନାମରେ ରାସନ ଉଠାଇବା ରୋକିବା ପାଇଁ କଠୋର ନିୟମ ଓ ଜୋରିମାନା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମୃତ ହିତାଧିକାରୀଙ୍କ ନାମରେ ଜାଲିଆତି କରି ରାସନ ଉଠାଇଲେ ସଂପୃକ୍ତ ପରିବାରଠାରୁ ସାମଗ୍ରୀର ମୂଲ୍ୟ ଦେଢ଼ ଗୁଣ ହାରରେ ଆଦାୟ କରାଯିବାର କଠୋର ବ୍ୟବସ୍ଥା କରାଯାଇଛି। ରାଜ୍ୟର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରିବା ପାଇଁ 'ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ପର୍ଯ୍ୟାୟ-୨' କୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏସୀୟ ବିକାଶ ବ୍ୟାଙ୍କ ସହାୟତାରେ ଏହି ୧୧୪୦ କୋଟି ଟଙ୍କାର ପ୍ରକଳ୍ପ ୨୦୨୫-୨୬ ରୁ ୨୦୨୯-୩୦ ମଧ୍ୟରେ କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହ ବ୍ରହ୍ମପୁରରେ ହସ୍ପିଟାଲିଟି ଓ ସାମୁଦ୍ରିକ କ୍ଷେତ୍ର ଏବଂ ସମ୍ବଲପୁରରେ କୃଷି-ପ୍ରଯୁକ୍ତିବିଦ୍ୟା ପାଇଁ ନୂତନ କ୍ୟାମ୍ପସ ସ୍ଥାପନ କରାଯିବ। ଏହାସହିତ ରାଜ୍ୟର ୫ଟି ସରକାରୀ ଆଇଟିଆଇକୁ 'ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ। ଏସବୁ ଦ୍ୱାରା ରାଜ୍ୟରେ ବାର୍ଷିକ ୬୦ହଜାରରୁ ଅଧିକ ଯୁବକଯୁବତୀଙ୍କୁ ଉପକୃତ ହେବେ। ସେହିପରି ନୂତନ କେନ୍ଦ୍ରୀୟ ଆଇନ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩' ସହ ତାଳ ମିଳାଇ ରାଜ୍ୟ ଅଭିଯୋଜନ ସେବା ନିୟମାବଳୀ-୧୯୯୭ରେ ସଂଶୋଧନ କରାଯାଇଛି, ଯାହା ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଗଠନ କରାଯିବ। ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏସବୁ ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ଜଳସେଚନ ସୁବିଧା ବୃଦ୍ଧି ପାଇଁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ଭୂତଳ ପାଇପଲାଇନ ନିର୍ମାଣ ନିମନ୍ତେ ୩୧୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ସଂକ୍ରାନ୍ତ ଟେଣ୍ଡରକୁ ଅନୁମୋଦନ ମିଳିଛି। ଜିଲ୍ଲାର ସୋରୋ, ବାହାନଗା ଓ ଓଉପଦା ବ୍ଲକର ୧୨୧୫୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ। 'ଜଳ ଜୀବନ ମିଶନ'ର ପ୍ରକଳ୍ପଗୁଡ଼ିକୁ ବାଧାହୀନ ଭାବେ ଚଳାଇବା ପାଇଁ କେନ୍ଦ୍ରୀୟ ଅଂଶ ଆସିବା ପୂର୍ବରୁ ରାଜ୍ୟ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବାକୁ କ୍ୟାବିନେଟ୍ ଅନୁମତି ଦେଇଛନ୍ତି।

### ୨୮ରୁ ବଜେଟ୍ ...

ବଜେଟ ଅଧିବେଶନ ପାଇଁ ସଂସଦର ଉଭୟ ଗୃହର ବୈଠକକୁ ଅନୁମୋଦନ କରିଛନ୍ତି। ଏହି ଅଧିବେଶନ ୨୮ ଜାନୁଆରୀ, ୨୦୨୬ ରୁ ଆରମ୍ଭ ହେବ ଏବଂ ୨ ଏପ୍ରିଲ, ୨୦୨୬ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ପର୍ଯ୍ୟାୟ ୧୩ ଫେବୃଆରୀ, ୨୦୨୬ରେ ଶେଷ ହେବ। ଦ୍ୱିତୀୟ ପର୍ଯ୍ୟାୟ ୯ ମାର୍ଚ୍ଚ, ୨୦୨୬ ରୁ ୨ ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। ବଜେଟ୍ ଅଧିବେଶନର ପ୍ରଥମ ଦିନ ସାଧାରଣତଃ ରାଷ୍ଟ୍ରପତିଙ୍କ ପାରମ୍ପରିକ ଅଭିଭାଷଣ ସହ ଆରମ୍ଭ ହୋଇଥାଏ। ତେବେ ବିଟିଂ ରିଟ୍ରିଟ ସମାରୋହ ଯୋଗୁ ଜାନୁୟାରୀ ୨୯ ତାରିଖ ଦିନ ସଂସଦର ଉଭୟ ସଦନରେ ବୈଠକ ହେବ ନାହିଁ। ହେଲେ ପରବର୍ତ୍ତି ବୈଠକ ଜାନୁୟାରୀ ୩୦ ତାରିଖରେ ହେବାକୁ ଥିବା ବେଳେ ଏହି ଦିନ ସଂସଦରେ ଆର୍ଥିକ ସର୍ଭେକ୍ଷଣ ରିପୋର୍ଟ ଉପସ୍ଥାପନ ହେବ। ଏହା ପରଦିନ ଅର୍ଥାତ ୩୧ ଜାନୁୟାରୀରେ ଉଭୟ ସଦନର ବୈଠକ ହେବ ନାହିଁ। ତେବେ ୧ ଫେବୃଆରୀ ରବିବାର ଦିନ ସଦନରେ ଅର୍ଥମନ୍ତ୍ରୀ ବାର୍ଷିକ ବଜେଟ୍ ଉପସ୍ଥାପନ କରିପାରନ୍ତି। ରବିବାର, ଫେବୃଆରୀ ୧ ତାରିଖରେ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ ହେବାର ସମ୍ଭାବନା ରହିଛି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଏବଂ କେନ୍ଦ୍ରୀୟ ବଜେଟ୍ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ପରେ ଫେବୃଆରୀ ୧୩ ତାରିଖରେ ସଂସଦ ପ୍ରାୟ ଏକ ମାସ ପାଇଁ ମୁଲତବୀ ରହିବ। ମାର୍ଚ୍ଚ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆରମ୍ଭ ହୋଇ ଏପ୍ରିଲ୍ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଚଳିତ ଥର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର କ୍ରମାଗତ ନବମ ବଜେଟ୍ ଉପସ୍ଥାପନ କରିବେ। ବର୍ତ୍ତମାନର ସରକାର ୨୦୧୭ ମସିହାରୁ ବଜେଟ୍ ସୂଚୀରେ ଫେବୃଆରୀ ୧ ତାରିଖକୁ ବଜାୟ ରଖିଛନ୍ତି।

### ସବୁ 'ବସ୍'ର ହେବ ...

ରାଉତ ଲେଖିଥିବା ଚିଠି ଅନୁସାରେ, ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ (ସିଆଇଆରଟି)ଙ୍କ ସୁପାରିସକୁ ତୁରନ୍ତ ଲାଗୁ କରିବା ସହ ମୁଖ୍ୟତଃ ୩ଟି ଦିଗ ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଚଳପ୍ରଚଳ କରୁଥିବା ସମସ୍ତ ସ୍ଲିପର କୋଚ ବସର ଯାଞ୍ଚ କରି ସେଥିରେ ଥିବା ତ୍ରୁଟି ସଂଶୋଧନ କରିବା, ବାଧ୍ୟତାମୂଳକ ଏଫଡିଏସଏସ (ଅଗ୍ନି ନିରୋଧକ ବ୍ୟବସ୍ଥା) ଲଗାଇବା ଓ ବେଆଇନ ନିର୍ମାଣ ଢାଂଚାକୁ ହଟାଇବା, ବସଗୁଡ଼ିକର ବଡ଼ି ନିର୍ମାତାଙ୍କର ପ୍ରମାଣପତ୍ର ଯାଂଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଆଇଏସ-୦୫୨ ଓ ଏଆଇଏସ-୧୧୯ର ମାନଦଣ୍ଡ ଆଧାରରେ ବସଗୁଡ଼ିକର ଯାଞ୍ଚ ନିମନ୍ତେ କୁହାଯାଇଛି। ସେହିପରି କେନ୍ଦ୍ରୀୟ ମୋଟର ଯାନ ନିୟମ (ସିଏମଭିଆର) ଓ ଅଟୋମୋଟିଭ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ (ଏଆଇଏସ)ର ଉଲ୍ଲଙ୍ଘନ କରୁଥିବା ବସ୍ ନିର୍ମାତା ଓ ପରିବହନ କର୍ତ୍ତୃପକ୍ଷଙ୍କ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ସହ ଯେଉଁ ଅଫିସରମାନେ ନିୟମକୁ ଅଣଦେଖା କରି ଫିଟନେସ୍ ପ୍ରମାଣପତ୍ର ଦେଉଛନ୍ତି ସେମାନଙ୍କ ବିରୁଦ୍ଧରେ ତୁରନ୍ତ ଫୌଜଦାରୀ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଛି। ପରିବହନ କର୍ତ୍ତୃପକ୍ଷ ଓ ବଡ଼ି ନିର୍ମାତାଙ୍କ ଅବହେଳା ଯୋଗୁଁ ଦୁର୍ଘଟଣାର ଶିକାର ହେଉଥିବା ପୀଡ଼ିତ ଓ ସେମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନକୁ ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

### କାଗଜପତ୍ରରେ ...

ଦେଇଥିବା ସଂସ୍ଥା ଦାୟୀ ରହିଥାନ୍ତି। ଗୁରୁତର ଦୁର୍ଘଟଣା କିମ୍ବା ମୃତ୍ୟୁରେ ପରିବାର ସଦସ୍ୟଙ୍କୁ ଠିକାଦାର ସୂଚନା ଦେଇଥାନ୍ତି। ମୋଟାମୋଟି କହିବାକୁ ଗଲେ ଏହି ଆଇନ ଶ୍ରମିକଙ୍କ ଅଧିକାର ସୁରକ୍ଷା କରୁଥିବା ବେଳେ ଠିକାଦାରଙ୍କୁ ନିୟମ ପାଳନ କରିବାକୁ ବାଧ୍ୟ କରିଥାଏ। ଅପରପକ୍ଷେ ପଇସା ଖର୍ଚ୍ଚ, କାଗଜପତ୍ର ପ୍ରସ୍ତୁତି ଓ ନିୟମ ଅନୁସାରେ ଶ୍ରମିକଙ୍କୁ ସୁବିଧା ଯୋଗାଇବାରୁ ବିରତ ରହିବା ଲକ୍ଷ୍ୟ ନେଇ ଅନେକ ଠିକାଦାର ଲାଇସେନ୍ସ କରୁନାହାନ୍ତି। ସରକାର ଓ ଶ୍ରମ ବିଭାଗ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହାତବାନ୍ଧି ବସିଛନ୍ତି, ଯାହା ପରୋକ୍ଷରେ ଦଲାଲଙ୍କୁ ସୁହାଉଛି। ରାଜ୍ୟ ଶ୍ରମ ବିଭାଗ ତଥ୍ୟାନୁସାରେ, ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼ ଓ କେନ୍ଦ୍ରାପଡ଼ା ଜିଲାରୁ ବହୁ ଶ୍ରମିକ ବାହାର ରାଜ୍ୟ ଓ ଦେଶକୁ କାମ କରିବାକୁ ଯାଉଛନ୍ତି। କେବଳ ହାତଗଣତି କେତେକ ଜିଲାରେ ବାହାର ରାଜ୍ୟକୁ ଶ୍ରମିକ ନେଉଥିବା ଠିକାଦାର ଲାଇସେନ୍ସ କରୁଥିବା ବେଳେ ଅଧିକାଂଶ କରୁନାହାନ୍ତି। କୋରାପୁଟ, ଗଜପତି, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କନ୍ଧମାଳ ଜିଲାରେ ଜଣେ ଠିକାଦାର ବି ଲାଇସେନ୍ସ କରିନାହାନ୍ତି। ଫଳରେ ସରକାରୀ କାଗଜପତ୍ରରେ ଏହି ଜିଲାଗୁଡ଼ିକରେ ପ୍ରବାସୀ ଶ୍ରମିକ ନାହାନ୍ତି। ଜଗତସିଂହପୁର, ବାଲେଶ୍ୱର, ଦେବଗଡ଼ ଓ ଭଦ୍ରକ ଜିଲାରୁ ବହୁ ଶ୍ରମିକ ବାହାର ରାଜ୍ୟରେ କାମ କରୁଥିବାବେଳେ ମାତ୍ର ଜଣେ ଲେଖାଏଁ ଲାଇସେନ୍ସପ୍ରାପ୍ତ ଠିକାଦାର ଅଛନ୍ତି। ସେହିଭଳି ଦାଦନ ବହୁଳ କେନ୍ଦ୍ରାପଡ଼ା ଓ ପୁରୀ ଜିଲାରେ ମାତ୍ର ଦୁଇଜଣ ଲେଖାଏଁ ଲାଇସେନ୍ସପ୍ରାପ୍ତ ଠିକାଦାର ଥିବାବେଳେ ସୁବର୍ଣ୍ଣପୁରରେ ୩, ଯାଜପୁରରେ ୪, କେନ୍ଦୁଝରରେ ୬, ରାୟଗଡ଼ା ଓ ନବରଙ୍ଗପୁରରେ ୭, ଝାରସୁଗୁଡ଼ାରେ ୮ ଓ କଟକରେ ୯ଜଣ ରହିଛନ୍ତି। ୨୦୨୩ରେ ୮୧,୨୩୨, ୨୦୨୪ରେ ୭୦,୧୪୨ ଓ ୨୦୨୫ରେ ମାତ୍ର ୭୦,୩୬୦ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି। ଏହି ସଂଖ୍ୟା ଠାରୁ ଢେର ଅଧିକ ଶ୍ରମିକ ବାହାର ରାଜ୍ୟରେ କାମ କରୁଛନ୍ତି। ଦଲାଲ ମାଧ୍ୟମରେ ଅଧିକ ଶ୍ରମିକ କାମ କରିବାକୁ ଯାଉଥିବାରୁ ସରକାରଙ୍କ ନିକଟରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ନେଇ ସଠିକ୍ ସୂଚନା ରହୁନି, ଯାହା ଏହି ତଥ୍ୟ ଦର୍ଶାଉଛି।

### ସବୁ କଲେଜ ...

ଏହି ସମଗ୍ର ପ୍ରକ୍ରିୟାର ସଠିକ୍ ପରିଚାଳନା ପାଇଁ ଏନଏସଏସ, ରେଡକ୍ରସ୍ ଓ ରୋଭର୍ସ ଆଣ୍ଡ ରେଞ୍ଜର୍ସଙ୍କୁ ଅନୁପାଳନ ରିପୋର୍ଟ ପ୍ରଦାନ କରିବାର ଦାୟିତ୍ୱ ମଧ୍ୟ ବିଭାଗ ପକ୍ଷରୁ ନ୍ୟସ୍ତ କରାଯାଇଛି। ସରକାରଙ୍କ ଏହି ନୂଆ ପଦକ୍ଷେପ ଯୁବପିଢ଼ିଙ୍କୁ ଏକ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ିତୋଳିବା ସହ ଦେଶ ଗଠନ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରାଇବ। ଛାତ୍ରଛାତ୍ରୀମାନେ କେବଳ ପାଠପଢ଼ା ନୁହେଁ, ବରଂ ସ୍ୱଚ୍ଛତା ଅଭିଯାନ, ଡିଜିଟାଲ ସାକ୍ଷରତା ଓ ସ୍ୱାସ୍ଥ୍ୟ ସଚେତନତା ଭଳି ଗୋଷ୍ଠୀ ବିକାଶମୂଳକ କାର୍ଯ୍ୟକ୍ରମରେ ସିଧାସଳଖ ଜଡ଼ିତ ହୋଇ ଦେଶ ଗଠନରେ ନିଜର ଯୋଗଦାନ ଦେଇପାରିବେ। ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ସେମାନଙ୍କୁ ଏକ ଦାୟିତ୍ୱସଂପନ୍ନ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ଏହି ଅଭିଯାନକୁ ସଫଳ କରିବାକୁ ବିଭାଗ ପକ୍ଷରୁ ସମସ୍ତ କଲେଜ ପ୍ରିନ୍ସିପାଲମାନଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କଲେଜଗୁଡ଼ିକରେ 'ନୂଆ ଓଡ଼ିଶା' ଯୋଜନା ଆରମ୍ଭ କରିଥିଲେ, ଯେଉଁଥିରେ କଲେଜ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଡ଼ା ଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଆସିବା ପରେ ଏହି ଯୋଜନାକୁ ବନ୍ଦ କରିଦେଇଥିଲେ।

**ବଦଳିଲା 'ବିକଶିତ ଗାଁ, ବିକଶିତ ଓଡ଼ିଶା' ନିୟମ**

# ସିଧା ଜିଲ୍ଲାପାଳଙ୍କ ପାଖକୁ ଯିବ ଗ୍ରାମସଭା ନିଷ୍ପତ୍ତି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଯୋଜନା 'ବିକଶିତ ଗାଁ, ବିକଶିତ ଓଡ଼ିଶା'ରେ ସରକାର ବଡ଼ ପରିବର୍ତ୍ତନ କରିଛନ୍ତି। ଏଥିରେ ଗ୍ରାମସଭାର ଭାଗୀଦାରି ବୃଦ୍ଧି କରାଯାଇଛି। ସେହିପରି ଏହି ଯୋଜନାରେ ନିର୍ମାଣ ହେଉଥିବା ପ୍ରକଳ୍ପରେ କୌଣସି ପ୍ରକାର କ୍ଷତିର ଭରଣା ସମ୍ପୃକ୍ତ ସଂସ୍ଥା କରିବ। ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଡିଫେକ୍ଟ ଲାଏବିଲିଟି ପିରିୟଡ୍ ନିୟମ ଲାଗୁ ହେବ, ଅର୍ଥାତ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନଠାରୁ ତିନି ବର୍ଷ ପର୍ଯ୍ୟନ୍ତ କୌଣସି ପ୍ରକାର ତ୍ରୁଟି ବିଚ୍ୟୁତି, ରକ୍ଷଣାବେକ୍ଷଣ ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ଦାୟୀ ରହିବ। ଯାହାଦ୍ୱାରା ସମସ୍ୟାର ଶୀଘ୍ର ନିରାକରଣ ହୋଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟା ସରଳ ହୋଇଥିଲା ବେଳେ ଦୀର୍ଘ ମିଆଦି ପ୍ରକଳ୍ପ ସଂଖ୍ୟା ବୃଦ୍ଧି ପାଇଁ ବ୍ୟବସ୍ଥା ହୋଇଛି। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ସଂକଳ୍ପନାମା ପ୍ରକାଶ ପାଇଛି। ବିଭାଗର ସଂକଳ୍ପନାମା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଏବଂ ମିଳିଥିବା ଅନୁଦାନକୁ ଦୃଷ୍ଟିରେ ରଖି ଗ୍ରାମ ସଭା ପ୍ରକଳ୍ପ ତାଲିକା ପ୍ରସ୍ତୁତ କରିବ। ଏହି ପ୍ରସ୍ତାବଗୁଡ଼ିକୁ ଉକ୍ତ ବ୍ଲକର ନୋଡାଲ ଅଧିକାରୀ ଗ୍ରାମସଭାରୁ ସଂଗ୍ରହ କରି ତୁରନ୍ତ ଜିଲାପାଳଙ୍କ ନିକଟକୁ ପଠାଇବେ। ନୋଟିସ ପ୍ରକାଶନ ମାଧ୍ୟମରେ ଜିଲାପାଳ ମଧ୍ୟ ପ୍ରତିବର୍ଷ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି, ନିର୍ବାଚିତ ଜନପ୍ରତିନିଧି, ସାମାଜିକ ଅନୁଷ୍ଠାନଗୁଡ଼ିକରୁ ପ୍ରକଳ୍ପ ପ୍ରସ୍ତାବ ଆହ୍ୱାନ କରିବେ। ପ୍ରସ୍ତାବ ଆହ୍ୱାନ ପାଇଁ ଜିଲାପାଳ, ବ୍ଲକ, ଜିଲା ପରିଷଦ କାର୍ଯ୍ୟାଳୟ ସମେତ ୱେବ୍‌ସାଇଟ୍ ଓ ପଞ୍ଚାୟତରେ ନୋଟିସ ଲଗାଯିବ। ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ତାହା ଜିଲାପାଳଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ବିଭାଗ ପକ୍ଷରୁ କୁହାଯାଇଛି, ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ ଅନୁମୋଦନ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲାସ୍ତରୀୟ କମିଟି ଗଠନ କରାଯିବ। ମୁଖ୍ୟ ଉନ୍ନୟନ ଅଧିକାରୀ/ଜିଲା ପରିଷଦ ନିର୍ବାହୀ ଅଧିକାରୀ କମିଟିର ଆବାହକ ଓ ଅତିରିକ୍ତ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏହାର ସଦସ୍ୟ ଦାୟିତ୍ୱ ନିର୍ବାହ କରିବେ। ସମ୍ପୃକ୍ତ ଆର୍ଥିକ ବର୍ଷରେ ମିଳିଥିବା ପାଣ୍ଠିକୁ ବିଚାର କରି ଅଗ୍ରାଧିକାର ଭିତ୍ତିରେ ଗ୍ରାମସଭାରୁ ଆସିଥିବା ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯିବ।

# ପ୍ରଦୂଷଣ ବଢ଼ାଉଛି ବେଆଇନ ଇଟାଭାଟି

**ରାୟଗଡ଼,(ଅମୁଲ୍ୟ ନିଶଙ୍କ ):** ଓଡିଶାର ବିଭିନ୍ନ ସହର ଓ ଜିଲ୍ଲା ଭଳି ରାୟଗଡ଼ା ବ୍ଲକ ଓ କୋଲନରା ବ୍ଲକ ରେ ମଧ୍ୟ ଲାଲ ଇଟା ତିଆରି ଚାଲୁଛି ଦିନକୁ ଦିନ ବାୟୁ ମଣ୍ଡଳ ପ୍ରଦୂଷିତ ହେଉଛି। ଏଥିପାଇଁ ବେଆଇନ ଇଟାଭାଟି ଓ ଗାଡ଼ି ମୋଟରରୁ ବାହାରୁଥିବା ଧୂଆଁ, ଜଙ୍ଗଲ ସମ୍ପଦ ନଷ୍ଟକୁ ଦାୟୀ କରାଯାଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ କରି ଜିଲ୍ଲାରେ ବେଧଡକ ଚାଲିଛି ଇଟାଭାଟି। ସହରରେ ବାୟୁ ପ୍ରଦୂଷିତ ହେବାରେ ଲାଗିଛି। ଯାହା ସହରବାସୀଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଯେତିକି ବାୟୁମଣ୍ଡଳ ପ୍ରଦୂଷିତ ହୋଇଥିବା ରିପୋର୍ଟ ମିଳିଛି, ତାହା ଆଦୌ ସ୍ୱାସ୍ଥ୍ୟକର ନୁହେଁ ବୋଲି କୁହାଯାଇଛି। ଏଥିଲାଗି ଯାନବାହାନ ଓ ଇଟଭାଟି ଧୂଆଁକୁ ପ୍ରମୁଖ ଭାବେ ଦାୟୀ କରାଯାଇଛି। ସ୍ଥାନୀୟ ଲୋକେ ବାୟୁ ପ୍ରଦୂଷଣକୁ ନେଇ ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି। ଏହାକୁ ରୋକିବା ପାଇଁ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରିଅଲ-ଟାଇମ୍ ଡାଟା ସୂତ୍ରରୁ ପ୍ରକାଶ, ବାୟୁର ଏକ୍ୟୁଆଇ ମାନ ଶୂନ୍ୟରୁ ୫୦ ମଧ୍ୟରେ ରହିଲେ ଅତି ଉତ୍ତମ। ୫୦ରୁ ୧୦୦ ମଧ୍ୟରେ ରହିଲେ ଉତ୍ତମ ଏବଂ ୧୦୦ରୁ ଅଧିକ ରହିଲେ ଶ୍ୱାସକ୍ରିୟାରେ ସମସ୍ୟା ସମ୍ଭାବନା । ୧୫୦ରୁ ୨୦୦ ଟପିଲେ ଆଖି ପୋଡ଼ିବା ଭଳି ସମସ୍ୟା ରହିବ। ଗତ ୩ଦିନ ହେଲା ରାୟଗଡାରେ ଏକ୍ୟୁଆଇ ୧୧୮ ରହିଛି। ଯାହା ସାମାନ୍ୟ ବୋଲି କୁହାଯାଉଥିଲେ ବି ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏବେଠୁ ଏ ଦିଗରେ ଦୃଷ୍ଟି ଦିଆନଗଲେ ଆଗକୁ ପରିସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି। ରାୟଗଡ ସହର ଓ କୋଲନରା ବ୍ଲକ ଓ ଏହାର ଉପକଣ୍ଠରେ ଶତାଧିକ ଇଟାଭାଟି ରହିଛି। ବିଶେଷକରି ରାୟଗଡ଼ା ଓ କୋଲନରା ତହସିଲ ଅଧୀନ କଟଲାଗୁଡା, ଜଗନ୍ନାଥପୁର, ଲାଡା, କେରେଡା, ଅତଡ଼ା, ଶେଷଖାଲ, ଜେମାଦେଇପେଣ୍ଟ, କାର୍ଲାକଣା, ଅମଳାଭଟ୍ଟା, ମାଲିପଡା, ତାଡମା, ମାଲିଗାଁ, କାସିଲି, କତାଗୁଡା, ତରଲାବାଡି, ଥେରୁବାଲି, ଫକିରି, ପେଣ୍ଟା,ଡକୁଲଗୁଡା, ଦୁଦୁଲି, ପାତ୍ରପୁଟ, ବୁରୁଜୁଗୁ ଡା, ସିଲିପୁଟ, କଏ ମାଲିଗୁଡା, ରିଭଲକଣା, ଭେଜିପୁଟ ଆଦି ଗାଁ ନିକଟରେମୋଳ ମାଳ ବେଆଇନ ଇଟାଭାଟି ଗଢିଉଠିଛି। ଏଥିଯୋଗୁ ଅଞ୍ଚଳର ପରିବେଶ ନଷ୍ଟ ହେବା ସହ ଜଙ୍ଗଲ ସଂପଦ ମଧ୍ୟ ଧ୍ୱଂସ ପାଉଛି ଯୋଦ୍ୱାରା ଜଙ୍ଗଲ ପଶୁ ସହର ଓ ଗାଁରେ ନିର୍ବିଘ୍ନେରେ ପଶିଆସୁଛନ୍ତି। ରାଜସ୍ୱ ବିଭାଗର ବିନା ଅନୁମତିରେ ଚାଲିଛି ବହୁ ଇଟଭାଟି। ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ୪ଟି ଜିଲ୍ଲା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ଏଠାରେ ରହିଛି। ତଥାପି କର୍ତ୍ତୃପକ୍ଷ ନିଦାବିଷ୍ଟୁ ସାଜିଛତି। ଯାହାର ଫାଇଦା ଉଠାଉଛପି ଇଟାଭାଟି ମାଲିକ। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅଶୋକ ଭୋଇଙ୍କୁ ପଚାରିବାରୁ ପରିବେଶ ପ୍ରଦୂଷିତ ହେଉଥିବା କଥାକୁ ସ୍ୱୀକାର କରିଛନ୍ତି। କହିଛନ୍ତି, ବେଆଇନ ଇଟାଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦାୟିତ୍ୱ ରାଜସ୍ୱ ବିଭାଗର। ବୋର୍ଡ ପକ୍ଷରୁ କେବଳ ପ୍ରଦୂଷଣ ମାତ୍ରା ଯାଞ୍ଚ କରାଯାଉଛି। ରାୟଗଡ ତହସିଲଦାର କହିଛନ୍ତି, କେତେକ ବେଆଇନ ଇଟାଭାଟି ଚିହ୍ନଟ ହୋଇଛି। ସେଗୁଡ଼ିକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି। ସେହିପରି କୋଲନରା ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଏହି ଇଟାଭାଟି ବିଷୟରେ ପଚାରିବାରୁ ସେମାନେ ହାଲକା ଭାବେ ନିଜ ପ୍ରତକ୍ରିୟାରେ କହିଲେଜେ ଆମେ ନୂତନ ଭାବେ କାର୍ଯ୍ୟ ରେ ଯୋଗ ଦେଇଛୁ ତଦନ୍ତ କରି କାର୍ଯ୍ୟା ନୁଷ୍ଠାନ ଗ୍ରହଣ କରିବୁ ବୋଲି। ସୂଚନା ଯୋଗ୍ୟ ଜେ କୋଲନରା ବ୍ଲକର ଫକୀର ଓ ରାୟଗଡ ବ୍ଲକର ପେଣ୍ଟା ଠାରେ ଏକ ବ୍ୟକ୍ତି ପୂର୍ବତନ ବିଜେଡି ନେତା ଓ ରାଜସ୍ୱ ବିଭାଗର କର୍ମଚାରୀ ଓ ପୋଲିସ ମୋ ପାଖରେ ଅଛନ୍ତି ମୋର କେହି କିଛି କରିପାରିବ ନାହିଁ ବୋଲି କହି ବୁଲୁଥିବାର ଖବର ମିଳିଛି ଏହି ବ୍ୟକ୍ତିର ଇଟାଭାଟି ଉପରେ ଚଢ଼ାଉ କରି ଦୃଢ଼ ପଦକ୍ଷେପ ନେବା ନିମନ୍ତେ ଦାବି ହେଇଛି।



# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଲକ୍ଷ୍ମୀପୁର :** ସ୍ଥାନୀୟ ଲକ୍ଷ୍ମୀପୁର ସ୍ଥିତ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ୨୦୨୬ ଶିକ୍ଷା ବର୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷା ରେ ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୨୦୦ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୧୭୮ ଜଣ ପରୀକ୍ଷା ଦେଇ ଥିବା ବେଳେ କୌଣସି କାରଣ ବଶତଃ ୨୨ ଜଣ ଅନୁପସ୍ଥିତ ଥିଲେ। ଉକ୍ତ ପରୀକ୍ଷା ରେ ଅଧିକ୍ଷକ ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ଉପ ଅଧିକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା କାର୍ଯ୍ୟ ନିର୍ବାହ କରିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଟାକ୍ରୀ ଉପସ୍ଥିତ ଥିଲେ। ନିରୀକ୍ଷକ ଭାବେ ଶିକ୍ଷକ ରାଜେଶ୍ୱରି ଲାବଲା,ଶଙ୍କର ଗୁଦୁମ୍ବକା, ସୁକାନ୍ତ କୁମାର ଯାଦବ, ଆଶୀର୍ବାଦ ନାୟକ, ଅଶେଷ କାର୍ଜି, ଯେଷ୍ଟା ପଣ୍ଡା, ସୁନୀତା ସାହୁକାର, ମାଧୁରୀ ଲେଙ୍କା, ପ୍ରିୟଙ୍କା ବିଷୋୟୀ, ରୋଜାଲିନ ସ୍ୱାଇଁ ଓ ମମତା ମହାନ୍ତି ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବିଜୟ ସୁରଜ ନାୟକ ଓ ସଂଯୁକ୍ତା ତୁରୁକ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଲକ୍ଷ୍ମୀପୁର ପୋଲିସ ଉପସ୍ଥିତିରେ ପରୀକ୍ଷା ସକାଳ ୧୦ ଟାରେ ଆରମ୍ଭ ହୋଇ ଷଷ୍ଠ ଶ୍ରେଣୀ ପାଇଁ ମଧ୍ୟାହ୍ନ ୧୨ଟା ଓ ଅନ୍ୟ ଶ୍ରେଣୀ ପାଇଁ ଗୋଟାଏରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିଲା। ଉକ୍ତ ପରୀକ୍ଷା ରେ କୃତୀ ଛାତ୍ର ଛାତ୍ରୀ ମାନେ ଆସନ୍ତା ଶିକ୍ଷା ବର୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ ନାମ ଲେଖାଇ ପଢ଼ି ପାରିବେ।

# ବିଭୁତି ଦାସଙ୍କ ବିୟୋଗରେ ଶୋକସଭା



**ଭୁବନେଶ୍ୱର :** ଅତ୍ୟନ୍ତ ଦୁଃଖର କଥା, ଆମ୍ଭମାନଙ୍କର ଅତି ଆପଣାର ଜଣାଶୁଣା ଲୋକପ୍ରିୟ ବ୍ୟକ୍ତି ପୂର୍ବ ସିଂହଭୂମି ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ ଏବଂ ଜାମସେଦପୁର ସ୍ଥିତ ଗୋଲମୁରୀ ଉତ୍କଳ ସମାଜର ପୂର୍ବତନ ଉପସଭାପତି ବିଭୁତି ଦାସ ୭୩ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ସେ ଅନେକ ଦିନରୁ ରୋଗଗ୍ରସ୍ତ ଥିଲେ। ସେ ତାଙ୍କ ପଛରେ ଦୁଇ ପୁତ୍ର, ପୁତ୍ରବଧୁ, ନାତି, ନାତୁଣୀଙ୍କ ସହ, ପରିବାର ବର୍ଗଙ୍କୁ ଶୋକ ସାଗରରେ ଭସାଇ ଚାଲିଯାଇଛନ୍ତି। ସେ ଜଣେ ପରୋପକାରୀ, ସରଳ ହୃଦୟ, ତଥା ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଉତ୍କଳ ସମ୍ମିଳନୀ ଓ ଗୋଲମୁରୀ ଉତ୍କଳ ସମାଜ ପାଇଁ ତାଙ୍କର ଅତୁଳନୀୟ ଅବଦାନ ରହିଛି। ଯେତେବେଳେ ତାଙ୍କ ସହିତ ଦେଖା ସାକ୍ଷାତ ହୁଏ ସଦାବେଳେ ଉତ୍କଳ ସମାଜ ଏବଂ ଓଡ଼ିଆ ଭାଷାର ବିକାଶ ବିଷୟରେ ଚର୍ଚ୍ଚା କରୁଥିଲେ କିନ୍ତୁ ଆଜି ସେହି ଭଳି ଏକ ଓଡିଆ ପୁଅ ଜାମସେଦପୁରର ଓଡ଼ିଆ ଜାତିର ବାହକ ଏବଂ କୀର୍ତ୍ତି ସ୍ତମ୍ଭ ଆମ ନିକଟରୁ ବିଦାୟ ନେଇ ବୈକୁଣ୍ଠକୁ ଗମନ କରିଛନ୍ତି। ତାଙ୍କ ନିଧନରେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ଉପ ସଭାପତି ତଥା ଉତ୍କଳ ସମ୍ମିଳନୀର ପୂର୍ବ ସିଂହଭୂମ ସଭାପତି ରବୀନ୍ଦ୍ର ନାଥ ଶତପଥୀ ଦୁଃଖର ସହ ଶୋକ ପ୍ରକାଶ କରିଛନ୍ତି। ଏଥିସହ ପୂର୍ବ ସିଂହଭୂମ ଜିଲ୍ଲାର ସଚିବ ପ୍ରଦୀପ କୁମାର ଦାସ, ଉପସଭାପତି ପ୍ରବିଣ କୁମାର ଦାସ, ସହ ସଚିବ ରାମଚନ୍ଦ୍ର ସୋରେନ, ପର୍ଯ୍ୟବେକ୍ଷକ ଜୟରାମ ଦାସପାତ୍ର, ସଦସ୍ୟ ବସନ୍ତ ଶ୍ରୀଚନ୍ଦନ, ପଶ୍ଚିମ ସିଂହଭୂମ ଜିଲ୍ଲାର ଉତ୍କଳ ସମ୍ମିଳନୀର ବରିଷ୍ଠ ସଦସ୍ୟ ଜଗତ କିଶୋର ସାମଲଙ୍କ ସହ ଉତ୍କଳ ସମ୍ମିଳନୀର ସମସ୍ତ ସଦସ୍ଯ ବୃନ୍ଦ ଦୁଃଖ ପ୍ରକାଶ କରିବା ସହିତ ଈଶ୍ୱର ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଦୁଃଖକୁ ସହ୍ୟ କରିବାକୁ ଅସୀମ ଶକ୍ତି ଏବଂ ଧୈର୍ଯ୍ୟ ପ୍ରଦାନ କରିବା ସହ ଦିବଂଗତ ଆତ୍ମାଙ୍କୁ ଶାନ୍ତି ସହ ସଦଗତି ପ୍ରଦାନ ନିମନ୍ତେ, ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିଛନ୍ତି।



# କଲିକଟି ନଟେଇ ମୋର...

ପ୍ରେମାନନ୍ଦ ପାଣିଗ୍ରାହୀ

ଗୁଡି ; ଭାରତୀୟ ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ । ସୂର୍ଯ୍ୟ ଉତ୍ତରାୟଣ ହେଲେ ଦକ୍ଷିଣା ପବନ ବହେ ଆଉ ପିଲାଙ୍କଠାରୁ ବୟସ୍କ ଲୋକମାନେ ଗୁଡି ଉଡାର ଆନନ୍ଦ ଉଠାଇବା ପାଇଁ ସଜବାଜ ହୁଅନ୍ତି । ନିଜେ ପ୍ରସ୍ତୁତ କରି ବା ବଜାରରୁ ରଙ୍ଗବେରଙ୍ଗର ଗୁଡି କିଣି ଆଣି ନୀଳ ଆକାଶକୁ ଡାକିଁ ପକାଇଥାନ୍ତି । ଦଶ ଟଙ୍କାରୁ ଦୁଇ ଶହ ଟଙ୍କା ପର୍ଯ୍ୟନ୍ତ ଗୁଡି ବଜାରରେ ମିଳେ । ଅଲଗା ଅଲଗା ଆକୃତି,ଆକାର ଓ ରଙ୍ଗର ଗୁଡି ମୁକ୍ତ ଆକାଶରେ ପକ୍ଷୀ ଉଡିବା ପରି ପ୍ରତୀୟମାନ ହୁଅନ୍ତି । ଗୁଡି ବିଜୟର ସୂଚକ । ଗୁଡି ଜୀବନ ଦର୍ଶନର ଏକ ମାଧ୍ୟମ । ଦାର୍ଶନିକମାନେ ଗୁଡି ଠାରୁ ଜୀବନ ଦର୍ଶନର ତତ୍ୱକୁ ଖୋଜି ପାଇଛନ୍ତି । ଗୁଡି ଉଡାଳି ଗୁଡି ସାହାଯ୍ୟରେ ନିଜ ଜୀବନର ଲକ୍ଷ୍ୟକୁ ପୂରଣ କରିବା ପାଇଁ ସ୍ୱପ୍ନ ଦେଖିଥାନ୍ତି । ସୁଖ,ସମୃଦ୍ଧି ଓ ବିଶ୍ୱାସର ପ୍ରତୀକ ଗୁଡିର ଜନ୍ମ ଚୀନ ଦେଶରୁ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଚୀନର ଦାର୍ଶନିକ ମୋହହି ପ୍ରଥମେ ଗୁଡି ପ୍ରସ୍ତୁତ କରିଥିଲେ । ବାଉଁଶ ପାତ ଉପରେ ରେଶମ କପଡାର ଆବରଣ ଦେଇ ସେ ନିର୍ମାଣ କରିଥିଲେ ଗୁଡି । ବାୟୁ ଚାପ,ଉଚ୍ଚତା ମାପ,ସତର୍କ ସୂଚନା,ସୈନ୍ୟବାହିନୀକୁ ସଙ୍କେତ ଆଦି କାର୍ଯ୍ୟରେ ଗୁଡିକୁ ଚୀନବାସୀ ବ୍ୟବହାର କରୁଥିଲେ । ତେବେ ଚୀନକୁ କିନ ରାଜବଂଶ ଶାସନ କରିବା ସମୟରେ ଗୁଡି ଉଡୁଥିବା ବେଳେ ଯଦି ସୂତା ଛିଣ୍ଡିଯାଏ,ତେବେ ଏହାକୁ ଅଶୁଭ ର ସୂଚକ ବୋଲି ମନେ କରାଯାଉଥିଲା । ପବନରେ ହଲିହଲି ଏହି ଗୁଡି ଯେତେବେଳେ ତଳେ ପଡୁଥିଲା ଏହାକୁ କେହିବି ଉଠାଉନଥିଲେ । ଏହି ଛିଣ୍ଡା ଗୁଡି ସହ ଉଡାଳିର ଦୁର୍ଭାଗ୍ୟ ଜଡିତ ଥିବାର ବିଶ୍ୱାସ କରୁଥିଲେ ଚୀନବାସୀ । ଉଡାଜାହାଜର ଉଦ୍ଭାବନ ପୂର୍ବରୁ ସାମରିକ କାର୍ଯ୍ୟରେ ଗୁଡିକୁ ବ୍ୟବହାର କରାଯାଉଥିଲା । ଐତିହାସିକଙ୍କ ମତରେ ଚୀନର ଜଣେ ସେନାପତି ହାନ୍‌ସିଜ କାଗଜକୁ ଚାରିକୋଣିଆ କରି କାଟି ଏହାକୁ ପବନରେ ଉଡାଇ ନିଜ ସୈନିକଙ୍କୁ ବାର୍ତ୍ତା ପଠାଉଥିଲେ । ୧୭୫୨ ମସିହାରେ ବେଞ୍ଜାମିନ ଫ୍ରାଙ୍କଲିନ ବିଜୁଳି ଓ ବିଦ୍ୟୁତ ଶକ୍ତି ମଧ୍ୟରେ କିଛି ଫରକ ନାହିଁ ବୋଲି ପ୍ରମାଣିତ କରିବା ପାଇଁ ପ୍ରବଳ ଝଡବତାସ ସମୟରେ ଗୋଟିଏ ସିଲ୍କ ଗୁଡି ଆକାଶରେ ଉଡାଇଥିଲେ । ଭାରତକୁ ଗୁଡି ପ୍ରାୟ ହଜାରେ ବର୍ଷ ତଳୁ ଆସିଥିଲା । ଚୀନର ବୌଦ୍ଧ ତୀର୍ଥ ଯାତ୍ରୀମାନେ ଗୁଡିକୁ ଭାରତକୁ ଆଣିଥିଲେ ବୋଲି କେତେକ ମତ ଦେଉଥିବା ବେଳେ ଚୀନ ପରିବ୍ରାଜକ ହୁଏନସାଂ ଓ ଫାୟିୟାନ ଏହାକୁ ଆଣିଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି । ମୋଗଲ ବାଦସାହ ଓ ରାଜକୁମାରମାନେ ଗୁଡି ଉଡାଇବାରେ ଖୁବ ରୁଚି ରଖୁଥିଲେ । ମୋଗଲ ଶାସନ ପରେ ଲକ୍ଷ୍ନୌ,ରାମପୁର,ହାଇଦ୍ରାବାଦ ଆଦି ସହରର ନବାବମାନେ ଗୁଡିକୁ ପ୍ରଜାମାନଙ୍କ ଅଭାବ ଦୂର କରିବାର ମାଧ୍ୟମ ଭାବରେ ପରିଣତ କରିଥିଲେ । ସେଠାକାର ରଜାମାନେ ନିଜ ଗୁଡିରେ ସୁନା ମୋହର ବାନ୍ଧି ଉଡାନ୍ତି ଏବଂ ଶେଷରେ ସୂତାକୁ ଛିଣ୍ଡାଇ ଦିଅନ୍ତି । ସେମାନଙ୍କର ଉଦ୍ଦେଶ୍ୟ ଥାଏ ଯେଉଁ ଗାଁରେ ଗୁଡି ପଡିବ ସେହି ଗାଁର ଲୋକମାନେ ସୁନା ମୋହର ପାଇ ନିଜ ଅଭାବକୁ ଦୂର କରିବେ । ଜାମ୍ମୁର ମହାରାଜାମାନେ ନିଜର ଗୁଡି ଉଡା ସଉକ ମେଣ୍ଟାଇବା ପାଇଁ ଦରବାରରେ ଗୁଡି ଉଡାଳି ନିଯୁକ୍ତ କରିଥିଲେ । ଧିରେଧିରେ ଦିଲ୍ଲୀରୁ ସାରା ଭାରତରେ ଗୁଡି ତାର ଜୟଯାତ୍ରା ଆରମ୍ଭ କରିଛି । ମକର ସଂକ୍ରାନ୍ତି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଗୁଡି ଉଡା ପ୍ରତିଯୋଗିତା ଅନୁଷ୍ଠିତ ହୁଏ । ୧୮୮୯ ମସିହା ଠାରୁ ଗୁଜୁରାଟରେ ଗୁଡି ଉଡା ପ୍ରତିଯୋଗୀତା ଆୟୋଜିତ ହୋଇଥିଲେ ମଧ୍ୟ ୨୦୧୨ ମସିହା ଠାରୁ ଆନ୍ତର୍ଜାତୀୟ ଗୁଡି ଉଡା ପ୍ରତିଯୋଗୀତା ଆୟୋଜିତ ହେଉଛି । ସବୁଠାରୁ ବଡ ଗୁଡି ଉତ୍ସବ ଇଣ୍ଡୋନେସିଆରେ ଅନୁଷ୍ଠିତ ହୁଏ । ପ୍ରାୟ ଶହେ ମିଟର ଲାଞ୍ଜ ବିଶିଷ୍ଟ ଗୁଡି ଏଠାରେ ଦେଖିବାକୁ ମିଳେ । ବଲିଉଡ,ଓଲିଉଡ ତଥା ଅନ୍ୟ ଭାଷାର ଚଳଚ୍ଚିତ୍ରର କାହାଣୀ ତଥା ଗୀତରେ ଗୁଡି ପ୍ରମୁଖ ଭୂମିକା ଗ୍ରହଣ କରିଛି ।





ଗୁଡି କେବଳ ସାମୟିକ ଆନନ୍ଦ ନୁହେଁ,ଏହା ସର୍ବ ଧର୍ମ ସମନ୍ୱୟର ପ୍ରତୀକ । ପବନ ବା ବାୟୁର ଏକ ସ୍ୱତନ୍ତ୍ର ଉତ୍ସବ ଭାବରେ ଡିସେମ୍ବରରୁ ଜାନୁଆରୀ ମାସରେ ସାରା ଦେଶରେ ଗୁଡି ଉଡାଯାଏ । ଆମ ସଂସ୍କୃତି ଓ ପରମ୍ପରା ସହିତ ଗୁଡି ଅଙ୍ଗାଙ୍ଗୀ ଭାବେ ଜଡିତ । ଶୀତ ଆସିଲେ ଗୁଡି ଉଡାଇବାକୁ ଇଚ୍ଛା ହୁଏ । ବିଭିନ୍ନ କିସମର ଗୁଡି ଉଡାଇବାର ମଜା ନିଆରା । କିଏ ନେତାଙ୍କ ପ୍ରତିଛବିର ଗୁଡି ତ କିଏ ଉଡାଜାହାଜ,କେହି ବହୁ ଲାଞ୍ଜ ବିଶିଷ୍ଟ ଗୁଡି ଆକାଶରେ ଉଡାଇଥାନ୍ତି । ଅନ୍ୟର ଗୁଡିକୁ କାଟି ଦେଇ ମଜା ନେବାର ଖୁସି,ମକର ସଂକ୍ରାନ୍ତିର ପରିବେଶକୁ ବେଶ୍ ସରଗରମ କରିଥାଏ । ମକର ସଂକ୍ରାନ୍ତିରେ ଗୁଡି ଉଡାଇବା ପଛରେ କୌଣସି ଧାର୍ମିକ କାରଣ ନାହିଁ । କିନ୍ତୁ ଏହାର ମନୋବୈଜ୍ଞାନିକ କାରଣ ରହିଛି । ପୌଷ ମାସରେ ଅଧିକ ଶୀତଳତା ଯୋଗୁଁ ଆମ ଶରୀରରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ଏହି ଦିନରେ ତ୍ୱଚା ମଧ୍ୟ ଶୁଷ୍କ ହୋଇଯାଏ । ସୂର୍ଯ୍ୟ ଉତ୍ତରାୟଣ ହେଲେ ତାଙ୍କ କିରଣ ଆମ ଶରୀର ପାଇଁ ଔଷଧ ପରି କାମ ଦିଏ । ସୂର୍ଯ୍ୟଙ୍କର ସିଧା କିରଣ ଗୁଡି ଉଡାଇବା ସମୟରେ ଆମ ପୂରା ଶରୀର ଉପରେ ପଡେ । ଏହା ଦ୍ୱାରା ଶୀତରୁ ସୃଷ୍ଟି ହେଉଥିବା ଅନେକ ରୋଗ ମନକୁ ମନ ଭଲ ହୋଇଥାଏ । ଓଡିଶାରେ ଏହି ଗୁଡି ଉଡାଇବାର କୌଶଳ ଓ ପରମ୍ପରା ଟିକେ ଭିନ୍ନ । ବିଶେଷତଃ କଟକରେ ଗୁଡି ଉଡା ପରମ୍ପରା ନିଆରା । ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହ କଟକ ସହରର ଆକାଶ ବି ଗୁଡିମୟ ହୋଇ ପଡିଥାଏ । କିଏ କାହାର ଚଳଚ୍ଚିତ୍ରରେ ଓଡିଆ ସଂଗୀତ ଜଗତର ମୁକୁଟବିହୀନ ସମ୍ରାଟ ଅକ୍ଷୟ ମହାନ୍ତିଙ୍କ ଉଡି ... ଉଡି .. ଉଡି .. ଯାଆରେ ..ଉଡି..ଏମୋର..ଗୁଡି..ଗୀତଟି ଗୁଡିକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏ ଗୀତର ଲୋକପ୍ରିୟତା ଅର୍ଦ୍ଧ ଶତାବ୍ଦୀ ପରେ ଆଜି ବି ଅମଳିନ ରହିଛି । ଏହି ଗୀତ ଗୁଡି ଉଡାଇବାର ସଉକକୁ ଆହୁରି ତାଜା କରିଦେଇଛି । ରାଜ୍ୟର ଅନ୍ୟ ସ୍ଥାନ ଅପେକ୍ଷା କଟକରେ ଗୁଡି ଉଡା ପରମ୍ପରା ବହୁ ପ୍ରାଚୀନ । ମକରର କିଛି ଦିନ ପୂର୍ବରୁ କଟକିଆଙ୍କ ମନରେ ଗୁଡି ଉଡାଇବା ପାଇଁ ଉତ୍ସାହ ଆରମ୍ଭ ହୋଇଯାଏ । ରାଜରାଜୁଡା ସମୟରୁ ଏହା ଚାଲି ଆସିଛି । କଟକରର ଗଡଗଡିଆ ଘାଟ,ମହାନଦୀ ପଠା,ଧବଳେଶ୍ୱରରେ ମାଞ୍ଜା ସୂତା ତିଆରି ସାଙ୍ଗକୁ ନଟେଇ ଓ ଗୁଡିର ଯୋଗାଡ ଚାଲେ । ଗୁଡି ପାଇଁ ଖୁବ ପତଳା ଜରି କିମ୍ବା କାଗଜ ବ୍ୟବହାର କରାଯାଏ । ଗୁଡିର ଓଜନ ଅତି ବେଶୀରେ ୫୦ ରୁ ୧୦୦ ଗ୍ରାମ ହେଲେ ଏହା ଅଧିକ ଉଡିଥାଏ । ନିର୍ମାଣ ଶୈଳୀ ଉପରେ ଗୁଡିର ଶକ୍ତି ନିହିତ ହୋଇଥାଏ । ଗୁଡିକୁ ଉଡାଇବା ପାଇଁ ସୂତା ଦରକାର ହୁଏ ଯାହାକୁ ମାଞ୍ଜା ସୂତା କୁହାଯାଏ । କେତେକ ବ୍ୟକ୍ତି ଅନ୍ୟ ଗୁଡିକୁ କାଟିବା ପାଇଁ ସାଧାରଣ ସୂତା ବଦଳରେ ପ୍ଲାଷ୍ଟିକ ସୂତା ଓ କାଚଗୁଣ୍ଡ ବୋଳା ସୂତା ବ୍ୟବହାର କରୁଥିବାରୁ ଏହା ମଣିଷ ଓ ପଶୁପକ୍ଷୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ୨୦୧୬ ମସିହାରେ ମାନ୍ୟବର ଓଡିଶା ହାଇକୋର୍ଟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମାଞ୍ଜା ସୂତାର ବ୍ୟବହାର ଉପରେ କଟକଣା ଜାରି ହୋଇଥିଲା । ପରିବେଶ ସୁରକ୍ଷା ଆଇନ ଅନୁସାରେ ମାଞ୍ଜା ପରି ବିଭିନ୍ନ ମାଧ୍ୟମ ଓ ବିଭିନ୍ନ ବିପଜ୍ଜନକ ସାମଗ୍ରୀକୁ ନିଷେଧ କରାଯାଇଛି । ମାଞ୍ଜା ସୂତାରେ ଗୁଡି ଉଡାଇବା ଦେଖିଲେ ୧୧୨ ଡାଏଲ କରି ପୋଲିସକୁ ଜଣାଇବାକୁ ସୂଚନା ଦିଆଯାଇଛି ।









## ଓଡ଼ିଶାରେ ଅତ୍ୟାଧୁନିକ କୃଷକ ଦକ୍ଷତା ଓ କୃଷି-ଇନ୍‌କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା



**ଭୁବନେଶ୍ୱର :** ରାଜ୍ୟର ପ୍ରାଥମିକ କ୍ଷେତ୍ରକୁ ଆଧୁନିକୀକରଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର କୃଷକ ଦକ୍ଷତା ଓ କୃଷି-ଇନ୍‌କ୍ୟୁବେସନ୍ କେନ୍ଦ୍ର (ଏଫ୍‌ଏସ୍‌ଏଆଇସି) ତିଆରି ପାଇଁ ରୋଡମ୍ୟାପ୍ ଚୂଡ଼ାନ୍ତ କରିଛନ୍ତି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିବା ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଭବିଷ୍ୟତ କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା। ନବସୃଜନ ମାଧ୍ୟମରେ ଚାଷୀଙ୍କୁ ସଶକ୍ତ କରିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକ ସମୟରେ, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରକଳ୍ପର ମୂଳ ଲକ୍ଷ୍ୟ ହେଉଛି ପାରମ୍ପରିକ କୃଷି ସହିତ ଆଧୁନିକ ପରିପନ୍ଥାକୁ ଆପଣେଇ ଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା। ଏହି ଦକ୍ଷତା କେନ୍ଦ୍ର ଚାରୋଟି ସ୍ୱତନ୍ତ୍ର ମଡ୍ୟୁଲ୍ ମାଧ୍ୟମରେ କାର୍ଯ୍ୟ କରିବ। ଯଥା, କୃଷି-ଉଦ୍ୟୋଗୀ ବିକାଶ- କୃଷି କ୍ଷେତ୍ରରେ ନୂତନ ବ୍ୟବସାୟ ଚାଷ କରିବା, ଚାଷୀ ଦକ୍ଷତା ଏବଂ ତାଲିମ- ଆଧୁନିକ କୌଶଳର ବ୍ୟବହାରିକ ଶିକ୍ଷା। ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ- 'ଆଗ୍ରୋ-ଟେକ୍'ରେ ସର୍ବଶେଷ ଉନ୍ନତି ପ୍ରଦର୍ଶନ ଏବଂ ମୂଲ୍ୟଯୁକ୍ତ ସେବା ଯଥା ଉତ୍ପାଦର ବଜାରୀକରଣ ବୃଦ୍ଧି ଇତ୍ୟାଦି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଦକ୍ଷତା ବିକାଶ। ଏହାଦ୍ୱାରା ଆମେ ଆମର ଚାଷୀମାନଙ୍କୁ ଆଧୁନିକ କୌଶଳରେ ତାଲିମ ଦେଇ, ସେମାନଙ୍କୁ ଆର୍ଥିକ ରୂପେ ସଶକ୍ତ କରି ଏବଂ ବଜାର ସଂଯୋଗ ପ୍ରଦାନ କରି, ଗ୍ରାମୀଣ ଓଡ଼ିଶା ପାଇଁ ଦୀର୍ଘକାଳୀନ ଲାଭ ଓ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିପାରିବୁ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଅତିରିକ୍ତ ମୁଖ୍ୟ ସଚିବ ଡ ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ, କୃଷି ଦକ୍ଷତା ବିକାଶ କେନ୍ଦ୍ର ଅତ୍ୟାଧୁନିକ ବ୍ୟବସ୍ଥାକୁ ଏକୀକୃତ କରିବ ଯେଉଁଥିରେ, ସଠିକ କୃଷି- ଫସଲ ପରିଚାଳନା ପାଇଁ ଇଣ୍ଟରନେଟ -ଚାଳିତ ତଥ୍ୟ, କୃଷି ଫଟୋଭୋଲ୍ଟାଇକ୍ସ- ସୌର ଶକ୍ତି ଏବଂ ଚାଷ ପାଇଁ ଭୂମିର ଦ୍ୱୈତ ବ୍ୟବହାର, ଉନ୍ନତ ପରୀକ୍ଷାଗାର ସୁବିଧା- ଟିସୁ କଲଚର, ପ୍ରୟୋଗାଗାର ଓ ପୁନଃ ସଞ୍ଚାଳନ ଜଳକୃଷି ପ୍ରଣାଳୀ ଆଦି ଅନ୍ତର୍ଭୁକ୍ତ ରହିଛି। ଏଥିସହ ସ୍ଥାୟୀ ଲଜିଷ୍ଟିକ୍ସ- ନବୀକରଣୀୟ ଶକ୍ତି-ଚାଳିତ ଶୀତଳ ଭଣ୍ଡାର ଏବଂ ପ୍ରାଥମିକ ପ୍ରକ୍ରିୟାକରଣ କେନ୍ଦ୍ର ମଧ୍ୟ ରହିବ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

### ସୁଲଭ ବାସଗୃହ ପ୍ରକଳ୍ପର ସମୀକ୍ଷା

## ସମ୍ପୂର୍ଣ୍ଣ ହୋଇଥିବା ଗୃହ ଗୁଡ଼ିକର ବଣ୍ଟନ ପାଇଁ ନିଷ୍ପତ୍ତି

**ଭୁବନେଶ୍ୱର :** ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକର (ଏଏଚ୍‌ପି) ସ୍ଥିତି ସମୀକ୍ଷା କରିବା ସହ ନିର୍ମାଣ ସରିଥିବା ଗୃହଗୁଡ଼ିକର ସଠିକ୍ ବଣ୍ଟନ ଓ ବ୍ୟବହାର ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବାସଗୃହ ବଣ୍ଟନ ପ୍ରକ୍ରିୟାକୁ ସରଳ କରିବା ଏବଂ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଚନ୍ଦ୍ରଶେଖରପୁର ସୁଲଭ ବାସଗୃହ ପ୍ରକଳ୍ପ (ବୁଦ୍ଧ ବିହାର), ନୀଳମାଧବ ଆବାସ ଯୋଜନା, ଶାନ୍ତିପଲ୍ଲୀ ଆବାସ ଯୋଜନା ଏବଂ ସୁବୁଦ୍ଧିପୁର ସୁଲଭ ବାସଗୃହ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମ୍ପୂର୍ଣ୍ଣ ହୋଇଥିବା ଗୃହଗୁଡ଼ିକ ଯେପରି ଖାଲି ପଡ଼ି ନରହେ, ସେଥିପାଇଁ ହିତାଧିକାରୀଙ୍କୁ ତୁରନ୍ତ ବଣ୍ଟନ କରିବା ଓ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ



ଦିଆଯାଇଛି। ଏହାବ୍ୟତୀତ ଘାଟିକିଆ ଏବଂ ଗଡ଼କଣାଠାରେ ଚାଲିଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ କୁହାଯାଇଛି। ଆବାସ ପ୍ରକଳ୍ପଗୁଡ଼ିକର ସୁଚାରୁ ପରିଚାଳନା ପାଇଁ ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ 'କ୍ଷମତାପ୍ରାପ୍ତ କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କମିଟି ବାସଗୃହ ବଣ୍ଟନ ନୀତି, ଭଡ଼ା ଘରକୁ ପ୍ରାଥମିକତା ଏବଂ ଆନ୍ତଃ-ବିଭାଗୀୟ ସମସ୍ୟାର ସମାଧାନ କରିବ। ନୂତନ ନିୟମ ଅନୁଯାୟୀ, ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମେ ୬ ମାସ ପାଇଁ 'ଅସ୍ଥାୟୀ ବଣ୍ଟନ' କରାଯାଇ ସେମାନଙ୍କ ଗତିବିଧି ଉପରେ ନଜର ରଖାଯିବ। ସଫଳତାର ସହ ଏହି ସମୟ ଅତିବାହିତ ହେବା ପରେ ହିଁ ସ୍ଥାୟୀ ଆବଣ୍ଟନ ପତ୍ର ପ୍ରଦାନ କରାଯିବ। ବଣ୍ଟନ କରାଯାଇଥିବା ଘରକୁ କେହି ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଅନ୍ୟକୁ ଭଡ଼ାରେ ଦେଇପାରିବେ ନାହିଁ। ସୁଲଭ ବାସଗୃହ ପ୍ରକଳ୍ପଗୁଡ଼ିକୁ 'ଆମ ବସ' ସେବା ସହିତ ଯୋଡ଼ାଯିବ, ଯାହାଫଳରେ ଲୋକମାନେ ସହଜରେ ଯାତାୟାତ କରିପାରିବେ। 'କୌଣସି ନୂଆ ବସ୍ତି କିମ୍ବା ନୂଆ ଜବରଦଖଲ ନୁହେଁ' ନୀତିକୁ କଡ଼ାକଡ଼ି ପାଳନ କରାଯିବ। ପ୍ରବାସୀ ଶ୍ରମିକ ଓ ସହରୀ ଗରିବଙ୍କ ପାଇଁ ଭଡ଼ା ସୂତ୍ରରେ ରହିବା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହି ପ୍ରକ୍ରିୟାରେ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ମାନଙ୍କ ସହାୟତା ନିଆଯିବ। ଏହି ସମୀକ୍ଷା ବୈଠକରେ ବିଡିଏ ଉପାଧ୍ୟକ୍ଷ ତଥା ବିଏମସି କମିଶନର ଚଞ୍ଚଳ ରାଣା, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ସଚିବ ସୁଭାନନ୍ଦ ମହାପାତ୍ର, ଅତିରିକ୍ତ କମିଶନର ବି ଡି ଏ ମନୋଜ ସ୍ୱାଇଁ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ସହରୀ ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ସମସ୍ତଙ୍କୁ ବାସଗୃହ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ବୈଠକରେ ଦୋହରାଯାଇଛି।

## ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ

**ଭୁବନେଶ୍ୱର :** ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ ପରିବହନ ବିକାଶ ପରିଷଦ (ଟିଡିସି) ବୈଠକରେ ଓଡ଼ିଶା ସରକାର ନିଜର ସଶକ୍ତ ଓ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ (ଏମ୍‌ଓଆରଟିଏଚ୍) ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଥିଲେ। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପଗୁଡ଼ିକ ଉପରେ ସେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି। ସଡ଼କ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ଯୋଗାଇବାକୁ ଥିବା 'ପିଏମ୍-ରାହତ' ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ଶତ ପ୍ରତିଶତ ପ୍ରସ୍ତୁତ ଥିବା ବୈଠକରେ ଜଣାଇଛି। ପୁଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର ଏବଂ ସିସିଟିଏନ୍‌ଏସ୍‌ର ଦ୍ୱିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ଏମ୍‌ଓଆରଟିଏଚ୍‌ର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓଡ଼ିଶାର ପ୍ରମୁଖ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଯଥା- ସୁବାହକ, ଆମ ସୁବାହକ, ସୁବାହକ ସୁବିଧା, ରକ୍ଷକ ଏବଂ ଜୁନିୟର ରକ୍ଷକକୁ ପ୍ରଶଂସା କରିଛନ୍ତି। ଓଡ଼ିଶାର ସଫଳ ଗୋଷ୍ଠୀଭିତ୍ତିକ ପଦକ୍ଷେପଗୁଡ଼ିକରୁ ଅନୁପ୍ରାଣିତ ହୋଇ ଜାତୀୟ ସ୍ତରରେ 'ସଡ଼କ ସୁରକ୍ଷା ମିତ୍ର' କାର୍ଯ୍ୟକ୍ରମ ପ୍ରସ୍ତାବ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି। କେନ୍ଦ୍ରୀୟ ଯୋଜନାରେ ଓଡ଼ିଶା ଦୁଇଟି ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଆଇଡିଟିଆର) ପାଇଁ ଯୋଗ୍ୟ ହୋଇଥିଲେ ସୁଦ୍ଧା, ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ଚାରୋଟି ଆଇଡିଟିଆର ପ୍ରତିଷ୍ଠା କରିସାରିଛନ୍ତି। ଏମ୍‌ଓଆରଟିଏଚ୍ ଏହି କେନ୍ଦ୍ରଗୁଡ଼ିକୁ ଦେଶର ଅନ୍ୟତମ ଶ୍ରେଷ୍ଠ କେନ୍ଦ୍ର ଭାବେ ବର୍ଣ୍ଣନା କରିବା ସହ ଆଗାମୀ ଦିନରେ ଅଧିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ବିଚାର କରାଯିବ ବୋଲି ସଙ୍କେତ ଦେଇଛନ୍ତି।

## ବନ୍ତ ଆଇସିଡିଏସ୍‌ରେ ବ୍ୟାପକ ଦୁର୍ନୀତି

**ଭଦ୍ରକ, (ବିକାଶ କୁମାର ଧଳ) :** ସିଡିପିଓଙ୍କ ଜରିଆରେ ହିମତ ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ନିୟମର ସମ୍ପୂର୍ଣ୍ଣ ଉଲ୍ଲଘଂନ କରୁଥିଲା ବେଳେ କାର୍ଯ୍ୟାନୁଷ୍ଠାନ ନହେବା ବିଡମ୍ବନାର ବିଷୟ। ଗତ ନଭେମ୍ବର ଓ ଡିସେମ୍ବର ମାସ ପାଇଁ ଉଦ୍ଦିଷ୍ଟ ଛତୁଆ, ମୁଢ଼ି, ଚଣା, ସୁଜି ଇତ୍ୟାଦି ସାମଗ୍ରୀମାନ ସ୍ୱତନ୍ତ୍ର ପୁଷ୍ଟିକର ଯୋଜନା ମାଧ୍ୟମରେ ବଣ୍ଟନ ହୋଇଥାଏ। ବନ୍ତ ଆଇସିଡିଏସ୍ ଅନ୍ତର୍ଗତ ଅଧିକାଂଶ ଅଙ୍ଗନବାଡି କେନ୍ଦ୍ରକୁ ଗତ ୨ ମାସ ହେଲା ଏହା ଦିଆଯାଇନାହିଁ। ଏଥିପୂର୍ବରୁ ଅଧିକାଂଶ କେନ୍ଦ୍ରର ଉପଭୋକ୍ତା ତଥା ଜନସାଧାରଣ ବହୁ ଆପତ୍ତି ଅଭିଯୋଗ ବନ୍ତ ସିଡିପିଓ, ଡିଏସ୍‌ଡବ୍ଲ୍ୟୁଓ ଭଦ୍ରକଙ୍କ ନିକଟରେ କରିଛନ୍ତି। ଏଥିସହ ଜିଲ୍ଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ ହୋଇଛି। ହେଲେ ଯୋଗାଣ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଜାଲ ଦସ୍ତଖତ କରି ନିଜର ବିଲ୍ ଉଠାଇ ନେଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତେଣୁ ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## ରାମଚଣ୍ଡୀରେ ବନ୍ଧୁମିଳନ

**ଭୁବନେଶ୍ୱର :** ନୂଆ ବର୍ଷର ପ୍ରଥମ ରବିବାର ଦିନ ମା ରାମଚଣ୍ଡୀଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ତଥା ରାଜ୍ୟ ବାହାରୁ ଛୁଟି ଆସିଥିଲେ ହଜାର ହଜାର ପର୍ଯ୍ୟଟକ। ମା ରାମଚଣ୍ଡୀଙ୍କ ପୀଠରେ ଭୋଜି ଭାତ କରି ଫେରିଯାଇଛନ୍ତି। ଆଲୁୱାଲୀଆ କନଷ୍ଟ୍ରକ୍ସନ କମ୍ପାନୀର କର୍ମଚାରୀବୃନ୍ଦ ଏହି ଅବସରରେ ଏକ ବନ୍ଧୁମିଳନର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କମ୍ପାନୀର ପ୍ରୋଜେକ୍ଟ ମେନେଜର ମାନସ କୁମାର ସିହ୍ନାଙ୍କ ନେତୃତ୍ୱରେ ଅଶୋକ କୁମାର ଗୁଇଁ, ଶିବାଶୀଷ ମହାପାତ୍ର, ସୁଜନ ବିଶ୍ୱାସ, ପବିତ୍ର ପାନ, ଆଭାସ ଅହମ୍ମଦ, ଶଶିଭୂଷଣ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ସତ୍ୟ



ସେବକ ମଣ୍ଡଳ, ସଇକତ ସୁରଜିତ, ସଚିତ ଭଞ୍ଜ, ଦାଦା ରାମୁଲୁ, ଗୋପୀନାଥ ରାଉତ, ସମୀର ବରାଳ, ମନୋଜ ପରିଡ଼ା, ବିଭୁତି ସ୍ୱାଇଁ, ସ୍ୱର୍ଣ୍ଣଜିତ, ସୁଦେବ ଦାସ, ସଞ୍ଜୟ ପାରାମାଣିକ, ଦୀପକ ସାହୁ, ନୀଲେଶ ସିଂ, ସହଦେ୍ୱ ପାଢ଼ୀ, ସୌରଭ ରାୟ, ରତିକାନ୍ତ ପାଢ଼ୀ, ବିଶ୍ୱଜିତ ରାୟ, ଅର୍ଜୁନ, ଅଶୋକ, ପ୍ରଭାସ, ସୁମନ, ରାମବାବୁ, ପଙ୍କଜ ଓ ଅନ୍ୟମାନେ ସମୁଦ୍ରରେ ବୋଟିଙ୍ଗ ନେବା ସହ ନୂଆ ବର୍ଷର ପ୍ରଥମ ରବିବାର ମଜା ନେଇଥିଲେ।

### ବାଣପୁରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଓଡିଶାରେ ପ୍ରାଥମିକ ଶିକ୍ଷାର ଗରିମାମୟ ଅଧ୍ୟାୟ ଆରମ୍ଭ

**ଭୁବନେଶ୍ୱର :** ୨୦୩୬ ସୁଦ୍ଧା ଓଡିଶା ହେବ ସମୃଦ୍ଧ ଓଡିଶା ଏବଂ ଏହି ପରିକଳ୍ପନାରେ ଶୁଭାରମ୍ଭ ହୋଇଥିବା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିବ, କାରଣ ଆଜିର ବିଦ୍ୟାର୍ଥୀ ମାନେ ହେଲେ ଆସନ୍ତା କାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା। ବିଦ୍ୟାର୍ଥୀ ମାନଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ଏବଂ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଣପୁର ଠାରେ ରାଜ୍ୟ ସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୩୦ଟି ଜିଲ୍ଲାପାଇଁ ୧୧୮ଟି ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚରେ ଆସନ୍ତା ୪ ବର୍ଷରେ ରାଜ୍ୟର ଗ୍ରାମପଞ୍ଚାୟତ ଗୁଡିକରେ ୨୨ ଶହ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଉପସ୍ଥିତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଲେଖକ ଓ ଶିକ୍ଷାବିତ୍। ତାଙ୍କ ନାମରେ ନାମିତ ଏହି ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର କାୟାକଳ୍ପ କରିବାରେ ସଫଳ ହେବ। ଏହି ଯୋଜନାରେ ପିଲାମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହିତ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେବ। ସେ ପୁଣି କହିଥିଲେ ଏଭଳି ଏକ



ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିବା ପାଇଁ ମୁଁ ବହୁ ବର୍ଷ ଆଗରୁ ଉଦ୍ୟମ ଆରମ୍ଭ କରିଥିଲି। ଆମ ସରକାର ଆସିବା ପରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ଏହି ଯୋଜନାକୁ ପ୍ରାଥମିକତା ଦିଆଯାଇଥିଲା। ଚଳିତ ବର୍ଷ ବଜେଟରେ ଏହାର କାର୍ଯ୍ୟକାରିତା ପାଇଁ ୩ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହି ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭାବେ ବିକଶିତ କରାଯିବ। ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଶିକ୍ଷା ଦିଆଯିବ। ଏହାଦ୍ୱାରା ଶିକ୍ଷାର ବାତାବରଣ ସୁଦୃଢ ହେବା ସହିତ ପିଲାମାନେ ସର୍ବୋତ୍ତମ ଏବଂ ଗୁଣାତ୍ମକ ମାନର ଶିକ୍ଷା ପାଇପାରିବେ। ରାଜ୍ୟର ୩୦ଟି ଜିଲ୍ଲା ପାଇଁ ୧୧୮ଟି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା। ଏଗୁଡିକ ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ। ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ଏବଂ ରାଜ୍ୟର ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, ଏହି ଯୋଜନାରେ ଶିକ୍ଷକ ଶିକ୍ଷୟତ୍ରୀଙ୍କର ଦକ୍ଷତା ଏବଂ ଅଭିଜ୍ଞତା କିପରି ବୃଦ୍ଧି ପାଇବ ଏଥିପାଇଁ ଆମ ସରକାର ପ୍ରଶିକ୍ଷଣ ଏବଂ ବୃତ୍ତିଗତ ବିକାଶ, ମେଣ୍ଟରସିପ, କ୍ୟାରିଅର ପରାମର୍ଶ ଆଦି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଯୋଜନାର ଆଭିମୁଖ୍ୟ ଦେଖି ଅନେକ ରାଜ୍ୟ ମଧ୍ୟ ଏହାକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ରଖି କହିଲେ ଯେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ରାଜ୍ୟରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ବୈପ୍ଲବିକ ପରିବର୍ତ୍ତନ ଆଣିବ। ଏହି ଯୋଜନା ମୁଖ୍ୟମନ୍ତ୍ରୀଙ୍କର ମାନସ ପ୍ରସୁତ ଯୋଜନା। ରାଜ୍ୟରେ ଗ୍ରାମାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ଗ୍ୟାପ ପରିଲକ୍ଷିତ ହେଉଛି ଏହି ଯୋଜନା ତାକୁ ଦୂର କରିବ। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି। ଘରକୁ ଘର ଯାଇ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଉଛି, ଯେପରି ଜଣେ ବି କେହି ପାଠ ପଢ଼ାରୁ ବଞ୍ଚିତ ନହେବେ, ତାକୁ ଦୃଷ୍ଟିରେ ରଖି ଆମ ସରକାର ସବୁ ପଦକ୍ଷେପ ନେଉଛନ୍ତି ବୋଲି ସେ କହିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି